# ଏବ୍ରୀ, ଅଧ୍ୟାୟ ଦୁଇ[1]

…?…ଏଠାରେ ଶ୍ରେଣୀରେ ଥିଲେ ଏବଂ ଉପଭୋଗ କରିଥିଲେ…[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] ଆଉ ତେବେ ଏବ୍ରୀର ସେହି ପ୍ରଥମ ପୁସ୍ତକ, ହେଉଛନ୍ତି ପାଉଲ, ଯାହାକି ଆମେମାନେ ପାଉ, କିମ୍ବା ଆମେମାନେ ବିଶ୍ୱାସ କରୁ। ଧର୍ମଶାସ୍ତ୍ରଜ୍ଞମାନେ ଭାଲେଣି ପଡିଛନ୍ତି; ସେମାନେ ଜାଣନ୍ତି ନାହିଁ ଯେ କେଉଁଟି, କିମ୍ବା କିଏ ଏହାକୁ ଲେଖିଛନ୍ତି। ମାତ୍ର, ମୁଁ ବିଶ୍ୱାସ କରେ, ଯେ ଅଳ୍ପ ଟିକିଏ ଆତ୍ମିକ ବୁଦ୍ଧି ଥିବା ଯେକୌଣସି ବ୍ୟକ୍ତି ଏହା ଦେଖିବେ ଯେ ତାହା ପାଉଲ ଅଟନ୍ତି। ଏହା—ଏହା ଅଧିକାଂଶ ଲେଖକଙ୍କ ଦ୍ୱାରା, ପାଉଲ ବୋଲି, ବିଶ୍ୱାସ କରାଯାଏ। ଏବଂ ସେ ଯେ କିପରି…

2 ସେହି 1ମ ପର୍ବରେ, ଆମେମାନେ ପାଉ ଯେ ତାହା ପ୍ରଭୁ ଯୀଶୁଙ୍କୁ ଉନ୍ନତ କରାଯିବାର ଥିଲା। ଓଃ, ସେ କିପରି ଭାବରେ ନେଇକରି ଆସିଥିଲେ, ଯେ ସେହି ଅନୁଭୂତି ଦ୍ୱାରା—ଦ୍ୱାରା ଏହା ଦେଖାନ୍ତି ଯାହାକି ତାଙ୍କର ଦମ୍ମେସକକୁ ଯିବା ରାସ୍ତାରେ ରହିଥିଲା। ତେବେ, ପାଉଲ, ଆରମ୍ଭରୁ, ଜଣେ ପ୍ରକୃତ ଧର୍ମଶାସ୍ତ୍ରଜ୍ଞ ଥିଲେ। ପାଉଲ ସେହି ଦିନର ସର୍ବୋତ୍ତମ ଶିକ୍ଷକମାନଙ୍କ ମଧ୍ୟରୁ ଅନ୍ୟତମ, ଗମଲିୟେଲଙ୍କ ଅଧୀନରେ ଶିକ୍ଷା ଗ୍ରହଣ କରିଥିଲେ। ଏବଂ ସେ ତୀକ୍ଷ୍ଣ ପ୍ରଖର ଏବଂ ବୁଦ୍ଧିମାନ ଥିଲେ, ଏବଂ ଜଣେ ପ୍ରକୃତ ଚତୁର ବାଇବଲ ପଣ୍ଡିତ ଥିଲେ।

3 ଏବଂ ମୁଁ ଏହା ପାଇଲି, ଯେତେବେଳେ ସେ ନିଜ ମୁଣାରେ ଚିଠି ରଖି, ଦମ୍ମେସକକୁ ଯିବାର ତାଙ୍କର ମାର୍ଗରେ ଥିଲେ, ଯେ ସେସମସ୍ତଙ୍କୁ ଗିରଫ୍ କରନ୍ତି ଯେଉଁମାନେକି ସେହି ଆଶୀଷିତ ପୁରାତନ ସୁସମାଚାର ମାର୍ଗରେ ରହିଥିଲେ, ଏବଂ ସେହି ବ୍ୟକ୍ତିଜଣକ ନିଷ୍ଠାବାନ ଥିଲେ। ମାତ୍ର, ମୁଁ ସର୍ବଦା ବିଶ୍ୱାସ କରି ଆସିଛି ଯେ ପାଉଲ ଯେଉଁ ସମୟଠାରୁ ସ୍ତିଫାନ୍‌ଙ୍କୁ ମୃତ୍ୟୁବରଣ କରିଥିବାର ଦେଖିଥିଲେ, ମୁଁ ଭାବୁଛି ଯେ ତାହା ନିଶ୍ଚିତ ଭାବରେ ତାଙ୍କ ମନରେ ଏକ ଗଭୀର ଛାପ ଛାଡି ଯାଇଥିବ। ଯେତେବେଳେ ସେ ସ୍ତିଫାନ୍‌ଙ୍କ ମୃତ୍ୟୁରେ ସହମତି ପ୍ରଦାନ କରିଥିଲେ, ଏବଂ ସେହି ବ୍ୟକ୍ତିମାନଙ୍କର ଅଙ୍ଗରଖାଗୁଡିକୁ ରଖିଥିଲେ ଯେଉଁମାନେକି ସ୍ତିଫାନ୍‌ଙ୍କୁ ପଥର ମାରିଥିଲେ, ସେତେବେଳେ ପାଉଲ ସ୍ତିଫାନ୍‌ଙ୍କ ରକ୍ତରେ ଦୋଷୀ ହୋଇଥିଲେ। ଏବଂ ସେ ଏହା ସ୍ୱୀକାର କରି, କହିଥିଲେ, "ମୁଁ ଏପରିକି ଯୋଗ୍ୟ ସୁଦ୍ଧା ନୁହେଁ," କହିଥିଲେ, "କାରଣ ମୁଁ ତାଙ୍କର—ତାଙ୍କର ରକ୍ତ ପାତିତ କରିଅଛି, ସେହି ଶହୀଦ, ସ୍ତିଫାନ୍‌ଙ୍କର।" କାରଣ, ସେ ଏହାର ସାକ୍ଷୀ ହୋଇଥିଲେ।

4 ଏବଂ ଯଦି ଆପଣ କୌଣସି ବିଷୟର ସାକ୍ଷୀ ହୁଅନ୍ତି, ତେବେ ଆପଣ ଏହାର ସେତିକି ଦୋଷୀ ହୁଅନ୍ତି ଯେତିକି ଏଥିର ଏକ ଅଂଶୀଦାର ହୋଇଥାଆନ୍ତି। ତେଣୁକରି ଯଦି ଆମେମାନେ ସାକ୍ଷ୍ୟ ଦେଉ, ଏହା କହୁ, "ଓଃ, ହଁ, ସେମାନେ ଏହା କରିବା ଉଚିତ୍ ନୁହେଁ, ଏହା *ଅମୁକ-ଓ-ଅମୁକ*," ତେବେ ଆପଣ ଯାହା କହୁଛନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତୁ,

କାରଣ ଆପଣ ଯେପରି ଭାବରେ ନିଜର ବିଚାର କରନ୍ତି ସେପରି ଭାବରେ ଆପଣ ଦୋଷୀ ଅଟନ୍ତି । ଯଦି ଆପଣ ନିଷ୍ପତ୍ତି ନେଇପାରନ୍ତି ନାହିଁ, ତେବେ କିଛି ବି କୁହନ୍ତୁ ନାହିଁ, ତାକୁ କେବଳ ସେହିପରି ଛାଡିଦିଅନ୍ତୁ । ତାହାପରେ ଯେତେବେଳେ ଆପଣ ସାକ୍ଷ୍ୟ ଦିଅନ୍ତି ଯେ ଆପଣ ଜଣେ ଖ୍ରୀଷ୍ଟିଆନ, ତେବେ ଆପଣ ଦୋଷୀ ଅଟନ୍ତି । ବୁଝିଲେ? ଆପଣ ଜଣେ ଖ୍ରୀଷ୍ଟିଆନ ହେବାର ଦୋଷୀ ଅଟନ୍ତି, ଏବଂ ଆପଣଙ୍କୁ ତ ତାହା ପ୍ରତି ନିଶ୍ଚିତ ଭାବରେ ଜୀବନ ଯାପନ କରିବାକୁ ଅଛି । ଏବଂ ଯେତେବେଳେ ପରମେଶ୍ୱର ବାଇବଲରେ ଏକ—ଏକ ପ୍ରତିଜ୍ଞା କରନ୍ତି...ମୁଁ ଏଠାରେ ଜଣେ ବ୍ୟକ୍ତିଙ୍କୁ ଚକଲଗା ଚୌକୀରେ ଦେଖୁଅଛି । ଯେତେବେଳେ ପରମେଶ୍ୱର ଏକ ପ୍ରତିଜ୍ଞା କରନ୍ତି, ସେ ସେହି ପ୍ରତିଜ୍ଞାର ଦୋଷୀ ଅଟନ୍ତି ଯେପର୍ଯ୍ୟନ୍ତକି ସେ ଏହାକୁ ପୂରଣ ନ କରନ୍ତି । ସେ, ପରମେଶ୍ୱର ଦୋଷୀ ଅଟନ୍ତି ଯେତେବେଳେ ସେ ଏକ ପ୍ରତିଜ୍ଞା କରନ୍ତି । ଏବଂ ଶାସ୍ତ୍ରଗୁଡ଼ିକ ଦୋଷୀ ଅଟେ ଯେପର୍ଯ୍ୟନ୍ତକି ସେଗୁଡିକ ପୂର୍ଣ୍ଣ ନ ହୁଏ । ବୁଝିଲେ? ସେଗୁଡିକ—ସେଗୁଡିକ୍ ଠିକ ସେଠାରେ ଏକ ଭାବରେ—ଏକ ଭାବରେ ବକ୍ତବ୍ୟ ଅଟେ ଯାହାକି ପରମେଶ୍ୱର ଦେଇଅଛନ୍ତି । ଏବଂ ଏହାକୁ ପୂରଣ ହେବାକୁ ଅଛି ନଚେତ୍ ପରମେଶ୍ୱର ଦୋଷୀ ଅଟନ୍ତି । ବୁଝିଲେ?

5 ଏବଂ ତେଣୁକରି ପାଉଲ, ଜଣେ ଶିକ୍ଷକ ହୋଇଥିବା ହେତୁରୁ, ଏବଂ ସେହି ଦିନ ଦମ୍ମେସକକୁ ଯାଉଥିବା ତାଙ୍କ ମାର୍ଗରେ ରାସ୍ତାରେ ଆସୁଥିବାବେଳେ, ପ୍ରାୟଃ, ଅଧିକନ୍ତୁ ମଧ୍ୟାହ୍ନ ସମୟରେ, ମୁଁ ଭାବୁଛି । ସେଠାରେ ଆକାଶରୁ ଏକ ମହାନ ପ୍ରକାଶ ଝଲସି ଉଠିଥିଲା, ଏବଂ ତାହା ତାଙ୍କୁ ଅନ୍ଧ କରି ଦେଇଥିଲା, ଏବଂ ସେ—ସେ ଭୂମିରେ ପଡ଼ି ଯାଇଥିଲେ । ଏବଂ ସେ କହିଲେ ଯେ ଏହା କିଏ ଅଟେ ବୋଲି ସେ ଜାଣିବାକୁ ଚାହିଁଥିଲେ । ସେ କହିଲେ ଯେ ଏକ ସ୍ୱର କହି ଉଠିଥିଲା, ଏବଂ କହିଲା, "ଶାଉଲ, ଶାଉଲ, ତୁମ୍ଭେ ମୋତେ କାହିଁକି ତାଡ଼ନା କରୁଅଛ?" ମୁଁ ବିଶ୍ୱାସ କରେ ଯେ ତାହା ପ୍ରେରିତ ୯ମ ପର୍ବ ଅଟେ ।

ଏବଂ ସେ କହିଲେ, "ଏହା କିଏ ଅଟେ ଯାହାକୁ ମୁଁ ତାଡ଼ନା କରୁଅଛି?"

6 ଏବଂ ସେହି ସ୍ୱର ପ୍ରତ୍ୟୁତ୍ତରରେ, କହିଲା, "ମୁଁ ଯୀଶୁ ।" ଓଃ! "ମୁଁ ଯୀଶୁ, ଏବଂ ଏହା ତୁମ ପାଇଁ କଣ୍ଟକ ବିରୁଦ୍ଧରେ ଗୋଇଠା ମାରିବା କଷ୍ଟକର ଅଟେ ।" ଏବଂ ସେତେବେଳେ ଯୀଶୁ କଅଣ ଥିଲେ? ଯୀଶୁ, ସେ ସେହି ପ୍ରକାଶ ଥିଲେ, କେବଳ ଏକ ବଡ଼ ଉଜ୍ଜ୍ୱଳ ପ୍ରକାଶ ଥିଲେ ।

7 ତେବେ ଆମକୁ ଉତ୍ସାହିତ କରିବା ପାଇଁ ଏବଂ ଏଠାରେ ଏକ ଆଧାର ପାଇବା ହେତୁ । ସେ ଜଣେ ମଣିଷ ଥିବାବେଳେ, ସେ କିପରି ଏକ ପ୍ରକାଶ ହୋଇଥିଲେ? ତେବେ, କେହି ନୁହେଁ...

ସେଠାରେ ପାଉଲଙ୍କ ସହିତରେ ମନ୍ଦିର ରକ୍ଷକମାନଙ୍କର, ଏକ ସମଷ୍ଟି ରହିଥିଲା, ଯେଉଁମାନେକି ଗିରଫ୍ କରିବାକୁ ଯାଇଥିଲେ । ପାଉଲ ମୁଖ୍ୟ ଅଧିନାୟକ ଥିଲେ । ଏବଂ ସେମାନେ ସେଠାରେ ତଳେ ସେହି ଲୋକମାନଙ୍କୁ, ସେମାନଙ୍କର ସେହି ଅଭିଯାନଗୁଡିକ ପାଇଁ ଓ ପ୍ରଭୃତି ପାଇଁ ଗିରଫ କରିବାକୁ ଯାଉଥିଲେ, ଏବଂ ସେମାନଙ୍କର ଧାର୍ମିକ ଭରସା ପାଇଁ ଯାହା ସେମାନଙ୍କ ମଧ୍ୟରେ ରହିଥିଲା ।

8 ମାତ୍ର, ତେବେ, ଏଠାରେ ଯୀଶୁ ଏକ ବୃହତ୍ ପ୍ରକାଶ ଭାବରେ ରହିଥିଲେ। ବର୍ତ୍ତମାନ, ଯଦି ଆପଣଙ୍କର ମନେ ଥିବ, ଯେ ଆରମ୍ଭରେ, ଯୀଶୁ ଜଣେ ପ୍ରକାଶ ଥିଲେ। ଯୀଶୁ ସେହି ଲୋଗୋସ୍ ଥିଲେ ଯାହାକି ପରମେଶ୍ୱରଙ୍କଠାରୁ ବାହାରିଥିଲେ। ଏବଂ ସେ ସେହି ଥିଲେ... ସେ ନିୟମର ସେହି ସ୍ୱର୍ଗଦୂତ ଥିଲେ ଯିଏକି ଇସ୍ରାଏଲ ସନ୍ତାନଗଣଙ୍କୁ ପ୍ରାନ୍ତର ମଧ୍ୟ ଦେଇ କଢାଇ ନେଇଥିଲେ। ଏବଂ ସେ ସେହି ଅଗ୍ନିସ୍ତମ୍ଭ ଥିଲେ ଯାହାକୁ ସେମାନେ ଦେଖିଥିଲେ। ଏବଂ ସେ ଥିଲେ...ଏବଂ ଯେତେବେଳେ ସେ ଏଠାରେ ପୃଥିବୀରେ ଥିଲେ, ସେ କହିଥିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି, ଏବଂ ମୁଁ ପରମେଶ୍ୱରଙ୍କ ନିକଟକୁ ଫେରିଯାଉଛି।" ତେଣୁ ଯଦି ସେ ସେହି ଅଗ୍ନିସ୍ତମ୍ଭରୁ, ଜଣେ ମନୁଷ୍ୟ ରୂପରେ ଆସିଥିଲେ, ତେବେ ଯଦି ସେ ପୁନର୍ବାର ସେଠାକୁ ଫେରିଗଲେ ଯେଉଁଠାରୁ ସେ ଥିଲେ, ତାହାହେଲେ ସେ ପୁଣିଥରେ ଏକ ପ୍ରକାଶକୁ ଫେରିଗଲେ। ଏବଂ ସେଠାରେ ସେ ଥିଲେ ଯେତେବେଳେ ପାଉଲ ତାହାଙ୍କୁ ଦେଖିଥିଲେ, ସେ ଜଣେ ପ୍ରକାଶ ଥିଲେ।

9 ତେବେ, ପାଉଲଙ୍କ ସଙ୍ଗରେ ଥିବା ସେସମସ୍ତ ସୈନିକମାନେ ସେହି ପ୍ରକାଶକୁ ଦେଖି ନ ଥିଲେ। ତେବେ କଅଣ ଏହା ସମ୍ଭବ ଅଟେ କି ଜଣେ ଏହାକୁ ଦେଖି ପାରନ୍ତି ଏବଂ ଅନ୍ୟମାନେ ଏହାକୁ ଦେଖି ନ ପାରନ୍ତି? ନିଶ୍ଚିତ ଭାବରେ। ଠିକ୍ ଅଛି। ସେ, ପାଉଲ, ଏହା ଦେଖିଥିଲେ, ମାତ୍ର ଅବଶିଷ୍ଟ ସେମାନେ ସେହି ପ୍ରକାଶକୁ ଦେଖି ନ ଥିଲେ।

10 ତେବେ, ପିତର ଯେତେବେଳେ କାରାଗାରରେ ଥିଲେ, ଆମେମାନେ ପାଉ ଯେ ଏହି ପ୍ରକାଶ କାରାଗାରକୁ ଆସିଥିଲା, ଦ୍ୱାରଗୁଡିକୁ ଖୋଲି ଦେଇଥିଲା। ଏବଂ ସେ ଥିଲେ... ସେହି ପ୍ରକାଶ ବାକି ଆରକ୍ଷୀମାନଙ୍କୁ ଅନ୍ଧ କରି ଦେଇଥିଲା, ଯେତେବେଳେ ସେମାନେ ବାହାରକୁ ଯାଇଥିଲେ, ପିତର ବାହାରକୁ ଯାଉଥିଲେ। ଏବଂ ଯେତେବେଳେ ସେ ଦ୍ୱାର ପାଖକୁ ପହଞ୍ଚିଲେ, ଏହା କେବଳ ନିଜେ ନିଜେ ଖୋଲିଗଲା, ଚୁପଚାପ୍, ତାଙ୍କ ପଛରେ ବନ୍ଦ ହୋଇଗଲା। ଭିତର କାରାଗାରରୁ, ସେ ବାହାର ଦ୍ୱାରକୁ ଗଲେ। ଏହା ସ୍ୱୟଂ ନିଜେ ଖୋଲି ଯାଇଥିଲା, ଚୁପଚାପ୍ ବନ୍ଦ ହୋଇ ଯାଇଥିଲା। ଏବଂ ତାହାପରେ ସେ ସେହି ଫାଙ୍କସ୍ଥାନ ଦେଇ, ନଗର ରାସ୍ତା ମଧ୍ୟକୁ ଚାଲିଗଲେ। ଏବଂ ସେ ନିଜର ଆଖିକୁ ଘଷିଲେ, ଯେପରିକି କହିବାକୁ ଚାହୁଁଛନ୍ତି, "କଅଣ ମୁଁ ସ୍ୱପ୍ନ ଦେଖୁଥିଲି କି?" ସେ ଜାଣି ନ ଥିଲେ ଯେ କଅଣ ଘଟିଥିଲା। ମାତ୍ର, ପ୍ରଭୁଙ୍କର ସେହି ସ୍ୱର୍ଗଦୂତ, ସେହି ସମାନ ସ୍ୱର୍ଗଦୂତ ଯିଏକି ସେହି ଅଗ୍ନିସ୍ତମ୍ଭ ଥିଲେ ଯାହାକି ମୋଶାଙ୍କୁ ଗମନ କରାଇ ସାଗର ନିକଟକୁ ନେଇ ଯାଇଥିଲେ ଏବଂ ଆପଣାକୁ ବିସ୍ତାର କରିଥିଲେ, ଓଃ, ସେହି ମୃତ ସାଗର...ସେହି ସୂଫ ସାଗର ଉଭୟ ପାର୍ଶ୍ୱରେ ପାଚେରୀ ପରି ଛିଡା ହୋଇ ଯାଇଥିଲା, ଏବଂ ଇସ୍ରାଏଲ ପାର ହୋଇ ଯାଇଥିଲେ।

11 ଏବଂ ଯେତେବେଳେ ସେମାନେ ପ୍ରଶସ୍ତ ଯର୍ଦ୍ଦନ ନିକଟକୁ ଆସିଲେ, ସେତେବେଳେ ସେ ଆପଣାକୁ ସେଠାରେ ଦେଖାଇଲେ ନାହିଁ। ମାତ୍ର ସେ ସେଠାରେ ଥିଲେ, କାରଣ ସେ ଏହାକୁ ଖୋଲି ଦେଇଥିଲେ। ଏବଂ ସେମାନେ ଏପ୍ରିଲରେ ମାସରେ ପାର ହୋଇ ଯାଇଥିଲେ,

ଯେତେବେଳେ ସମତଳ ଭୂମିଗୁଡିକ ଜଳରେ ପରିପୂର୍ଣ୍ଣ ହୋଇଥାଏ । ଏବଂ ସେ ବସନ୍ତ ଯାଏଁ ଅପେକ୍ଷା କରି ରହିଲେ, ଏବଂ ସେ ବରଫର ତରଳିବାକୁ ଅପେକ୍ଷା କଲେ, କାରଣ ଏହା କାନ୍ଥ ପରି ଉଚ୍ଚ ଏବଂ ଉଚ୍ଚ ହୋଇ ଛିଡା ରହି ନ ଥିଲା; ଏହା କେବଳ କ୍ଷାନ୍ତ ହୋଇ ଯାଇଥିଲା । ତାହା ହେଉଛନ୍ତି ଆମର ଯିହୋବା । ତାହା ହେଉଛନ୍ତି ଆମର ପ୍ରଭୁ ଯୀଶୁ । କେବଳ କ୍ଷାନ୍ତ ହୋଇଗଲା; ଏବଂ ସେମାନେ ଶୁଷ୍କ ଭୂମିରେ ଚାଲି କରି ପାରି ହୋଇଗଲେ ।

12 ତେବେ, ପରମେଶ୍ୱର ପ୍ରତିଜ୍ଞା କରିଥିଲେ ଯେ ସେ ସେମାନଙ୍କର ଯତ୍ନ ନେବେ, ତେଣୁ ସେ ନିଜର ପ୍ରତିଜ୍ଞା ପ୍ରତି ବାଧ୍ୟ ଥିଲେ । ତେବେ, ପାଉଲ, ଏହିସବୁ ବିଷୟରେ ଜାଣି, ଏବଂ ସେମାନଙ୍କୁ ଜାଣି, ସେ ସୌଭାଗ୍ୟବାନ ଥିଲେ, କାରଣ ପରମେଶ୍ୱର ପାଉଲଙ୍କ ସହିତ ସିଧାସଳଖ କଥା ହେଉଥିଲେ । ସେ ତାଙ୍କ ସହିତ ରହିଥିବା ସେହି ସୈନିକମାନଙ୍କ ସହ କଥାବାର୍ତ୍ତା କରି ନ ଥିଲେ । ସେ ତ କେବଳ ପାଉଲଙ୍କ ସହ କଥା ହେଉଥିଲେ ।

13 ବର୍ତ୍ତମାନ, ଯେତେବେଳେ ସେହି—ଯେତେବେଳେ ସେହି ପ୍ରଭୁଙ୍କର ସ୍ୱର୍ଗଦୂତ, ଏକ ତାରା ରୂପରେ ଓହ୍ଲାଇ ଆସିଲେ; ଏବଂ ସେହି ତାରା-ନିରୀକ୍ଷଣକାରୀ, ଭାରତର ପଣ୍ଡିତ ବ୍ୟକ୍ତିମାନେ, ଯେତେବେଳେ ସେମାନେ ସେହି ତାରାକୁ ଦେଖିଥିଲେ ଏବଂ ତାହାକୁ ଶହ ଶହ ମାଇଲ୍ ବାଟ ଅନୁସରଣ କରିଥିଲେ । ଏବଂ ଏହା ପ୍ରତ୍ୟେକ ପର୍ଯ୍ୟବେକ୍ଷକ ଗବେଷଣାଗାର ଉପରେ ଅତିକ୍ରମ କରି ଯାଇଥିଲା, କାରଣ ସେମାନେ ତାରାଗୁଡିକ ଦ୍ୱାରା ସମୟ ନିର୍ଦ୍ଧାରଣ କରୁଥିଲେ । ଏବଂ ସେହି ପଣ୍ଡିତ ବ୍ୟକ୍ତିମାନଙ୍କ ବ୍ୟତୀତ ଆଉ କେହି ସେହି ତାରାକୁ ଦେଖି ନ ଥିଲେ । ଓଃ, ମୋର ପ୍ରଭୁ! କଅଣ ତାହା ଆପଣଙ୍କୁ ରୋମାଞ୍ଚିତ କରୁନାହିଁ କି?

14 ତାହାପରେ, ଆପଣମାନେ ଦେଖନ୍ତୁ, ପରମେଶ୍ୱର ସଂଗଠନଗୁଡ଼ିକ ସହିତ ବ୍ୟବହାର କରନ୍ତି ନାହିଁ । ସେ ଲୋକମାନଙ୍କର ଗୋଷ୍ଠୀଗୁଡିକ ସହିତ ବ୍ୟବହାର କରନ୍ତି ନାହିଁ । ସେ ବ୍ୟକ୍ତିବିଶେଷଙ୍କ ସହିତ ବ୍ୟବହାର କରନ୍ତି । ସେ ଆପଣାକୁ ବ୍ୟକ୍ତିବିଶେଷଙ୍କ ଠାରେ ପ୍ରକାଶ କରନ୍ତି । ଏବଂ ତେବେ—ତେବେ ଏହା କହିବାକୁ ଯାଇ, ଏହା ନୁହେଁ…ପରମେଶ୍ୱର ମୋର ହୃଦୟ ଜାଣନ୍ତି । ଏବଂ ଏହାକୁ ନିଜର ବ୍ୟକ୍ତିବିଶେଷ, ବ୍ୟକ୍ତିଗତ ପ୍ରଶଂସା ପାଇଁ କହିବା ନିମନ୍ତେ ନୁହେଁ; ତେବେ, କେବଳ ସେଠାରେ ରହିବା ପାଇଁ କହୁଅଛି । ମାତ୍ର, କଅଣ ଆପଣ ଜାଣନ୍ତି କି, ଯେ ସେହି ସମାନ ପରମେଶ୍ୱର, ସେହି ସମାନ ଯୀଶୁ, ଆଜି ସକାଳେ ଆମ ସହିତରେ ଅଛନ୍ତି? କଅଣ ଆପଣ ଜାଣନ୍ତି କି, ଆପଣଙ୍କ ମଧ୍ୟରୁ ପ୍ରତ୍ୟେକଙ୍କଠାରେ ବର୍ତ୍ତମାନ ଏହାର ଅଳ୍ପ ଟିକିଏ, ବ୍ୟକ୍ତିଗତ ସାକ୍ଷ୍ୟ ଅଛି, ଯେ ସେ ଏଠାରେ ଅଛନ୍ତି? ଏବଂ ଅଛନ୍ତି…ଏହି ଦିନରେ ସେ ଆମ ପାଇଁ ଏପରି କିଛି ଗୋଟାଏ କରିଛନ୍ତି ଯାହା ସେ ଅନ୍ୟ ଦିନମାନଙ୍କରେ କରି ନ ଥିଲେ; ଏହି ଦିନରେ ସେ ନିଜର ଫଟୋଚିତ୍ର ତୋଳିବାକୁ ଦେଇଛନ୍ତି । ଆମେ ଏହାକୁ *ସେଠାରେ* ଝୁଲାଇ ରଖିଅଛୁ । ବୁଝିଲେ? ସେହି ଅଗ୍ନିସ୍ତମ୍ଭ, ସେହି ସମାନ ପ୍ରଭୁ ଯୀଶୁ ।

15 ତେବେ ଲକ୍ଷ୍ୟ କରନ୍ତୁ ଯେ ସେ କିପରି କାର୍ଯ୍ୟ କରନ୍ତି । ଯଦି ସେ ସେହି ସମାନ ପ୍ରଭୁ ଯୀଶୁ ଅଟନ୍ତି, ତେବେ ସେ ସେହି ସମାନ କାର୍ଯ୍ୟଗୁଡିକୁ ସାଧନ କରିବେ, କାରଣ ବାଇବଲ କୁହେ,

"ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି ।"

16 ତେବେ, ଏହା ପୂର୍ବେକି ପାଉଲ କିଛି ଘୋଷଣା କରନ୍ତେ, ଯେ ଏହା ଠିକ କି ଭୁଲ, ସେ ପ୍ରଥମେ ମିସରକୁ ଗଲେ ଏବଂ ସେଠାରେ ଏହା ଜାଣିବା ପାଇଁ ତିନି ବର୍ଷ କାଳ ଅତିବାହିତ କଲେ, ଯେ ଏହା ଶାସ୍ତ୍ରସଙ୍ଗତ କି ନୁହେଁ । କଅଣ ଆପଣ କେବେ ତାହା ଜାଣିଥିଲେ କି? ପାଉଲଙ୍କ ପରିବର୍ତ୍ତନ ପରେ, ସେ ତିନି ବର୍ଷ ପାଇଁ ମିସରକୁ ଯାଇଥିଲେ । ସେଠାରେ ସେ ରହିଥିଲେ, ଏବଂ ସେଠାରେ ହିଁ ସେ ଏହି ମହାନ ଜ୍ଞାନକୁ ଶିକ୍ଷାଲାଭ କରିଥିଲେ ।

17 ତେବେ, ଆଦୌ କୌଣସି ତୁଳନାରେ ନୁହେଁ, ମୁଁ କେବଳ ଆପଣମାନଙ୍କୁ ଏହା ପ୍ରଦାନ କରୁଅଛି ଯେ ପବିତ୍ରଆତ୍ମା କିପରି ଭାବରେ ଏବେ ସୁଦ୍ଧା ସମାନ ହିଁ ରହିଥାଆନ୍ତି । ତେବେ, ମୋର ମଣ୍ଡଳୀର ଏଠାରେ ମନେ ଥିବ, ଯେ ଅନେକ ବର୍ଷେ ପୂର୍ବେ, ଯେତେବେଳେ ଏହି ସ୍ୱର୍ଗଦୂତ ଦେଖା ଦେଇଥିଲେ ଏବଂ ବିଷୟଗୁଡିକୁ ଦେଖାଇଥିଲେ । ମୁଁ ଏହା ପ୍ରତି ଅଳ୍ପ ଟିକିଏ ସନ୍ଦେହ କରୁଥିଲି । ଆପଣମାନେ ସମସ୍ତେ ତାହା ଜାଣିଛନ୍ତି, ଆପଣ ପୁରୁଣା-ସମୟର ଲୋକମାନେ । ଯଦି ଆପଣ…ଯଦି ତାହା ଠିକ୍ ଅଟେ, ତେବେ ଯେତେବେଳେ ଆପଣ ତାହା ଶୁଣନ୍ତି, ନିଜର ହାତକୁ ଉଠାନ୍ତୁ । ହଁ । ଦେଖନ୍ତୁ, ସେହି ମଣ୍ଡଳୀକୁ ଦେଖନ୍ତୁ, ତଥାପି, ପୁରୁଣା-ସମୟର ଲୋକମାନଙ୍କ ଦୃଷ୍ଟିରୁ । ବୁଝିଲେ? ମୁଁ ସନ୍ଦେହରେ ଥିଲି, କାରଣ ପ୍ରଚାରକମାନେ ମୋତେ କହିଥିଲେ ଯେ ଏହା ଶୟତାନ ଆଡୁ ଥିଲା । ଏବଂ ମୁଁ ଏକ ପ୍ରକାର ଏହାକୁ ବିଶ୍ୱାସ କରୁଥିଲି, ମାତ୍ର ମୁଁ ଅପେକ୍ଷା କଲି । ମୁଁ ଏହା ବିଷୟରେ କିଛି ହେଲେ କହୁ ନ ଥିଲି ।

18 ମାତ୍ର, ଓଃ, ପ୍ରଭୁଙ୍କର ନାମ ଧନ୍ୟ ହେଉ! ଗୋଟିଏ ରାତି, ସେଠାରେ, ସେ ଜଣେ ସ୍ୱର୍ଗଦୂତ ଭାବରେ, ଓହ୍ଲାଇ ଆସିଲେ, ଏବଂ ଏହାକୁ ଶାସ୍ତ୍ରରେ ପ୍ରକାଶ କଲେ, ଯେ ସେ ତାହା ଥିଲେ । ଏବଂ ଯେତେବେଳେ ମୁଁ ଏହାକୁ ଶାସ୍ତ୍ରରେ ଦେଖିଲି, ତାହାପରେ ଏହା ସହିତ, ସେହି ବାର୍ତ୍ତାକୁ ସମଗ୍ର ବିଶ୍ୱରେ ପ୍ରଚାର କଲି ।

19 ସେଥିରୁ ଓରାଲ୍ ରୋବର୍ଟସ୍, ଏ. ଏ. ଆଲେନ୍, ଟମି ଓସବୋର୍ନ୍, ଟମି ହିକ୍ସ, ଏବଂ ଆହୁରୀ ଅଧିକ ବାହାରି ଅଛନ୍ତି । ବୁଝିଲେ? ଏହା ଲୋକମାନଙ୍କ ପାଇଁ ଏକ ବାର୍ତ୍ତା ଅଟେ ।

20 ଏବଂ ଯୀଶୁ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । ଶାସ୍ତ୍ର ଅନୁସାରେ, ସେ ସମାନ ଅଟନ୍ତି । ସେ ସେହି ସମାନ ବିଷୟ ସାଧନ କରନ୍ତି । ସେ ସମାନ ଅଟନ୍ତି । ଏବଂ ସେ ସମାନ କାର୍ଯ୍ୟ ସାଧନ କରନ୍ତି । ସେ ଆପଣାକୁ ସେହି ସମାନ ଭାବରେ ପ୍ରକଟିତ କରନ୍ତି । ଏବଂ ସେ ଏଠାରେ, ଆଜି ସକାଳେ, ସେହି ସମାନ ଭାବରେ ଅଛନ୍ତି । ତେବେ ଆମେ ତାହାଙ୍କୁ ଦେଖିପାରିବା; ଆମେ ନ ବି ଦେଖିପାରିବା । ଏହା ଯାହାକିଛି ବି ହେଉ, ଆମ ପାଖରେ ବର୍ତ୍ତମାନ ଏକ ସାକ୍ଷୀ ଅଛି ଯେ ସେ ଏଠାରେ ଅଛନ୍ତି ।

21 ତେବେ, ଆମେମାନେ ବର୍ତ୍ତମାନ ପାଉ ଯେ, ପାଉଲ, ଏହି ଅଭିଜ୍ଞତା ଉପରେ, ଏବଂ ଏହି ଚିଠିଗୁଡିକ ଲେଖିବା ଆଧାରରେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୁଡିକୁ, କାରାଗାରରୁ ଲେଖିଥିଲେ, ସେ ପୁରାତନ ଏବଂ ନୂତନ ନିୟମକୁ ତୁଳନା କରିଥିଲେ । ତେବେ ମନେରଖନ୍ତୁ,

ଏହି ବାଇବଲର ଶେଷ ଲେଖକ, ପ୍ରେରଣା ଦ୍ୱାରା, ପରମେଶ୍ୱର ତଳକୁ ଓହ୍ଲାଇ ଆସି ତାଙ୍କୁ କହିଥିଲେ, "ଯଦି କୌଣସି ବ୍ୟକ୍ତି ଏଥିରେ କିଛି ଯୋଗ କରିବ କିମ୍ବା ଏଥିରୁ କିଛି ଲୋପ କରିବ, ତେବେ ତାହା ପାଇଁ, ଜୀବନ ପୁସ୍ତକରୁ ତାହାର ଅଂଶ ଲୋପ କରି ଦିଆଯିବ।" ତେଣୁ ଆମେ ଏଥିରେ ଗୋଟିଏ ବି ବିଷୟ ଯୋଗ କରିବାକୁ ସାହସ କରିବା ନାହିଁ। ଓଃ, ଏହା ଯେପରି ଅଛି ସେପରି ରହିବା ଆବଶ୍ୟକ, ଏଥିରେ କିଛି ହେଲେ ଯୋଗ କରାଯିବା ଉଚିତ୍ ନୁହେଁ। ଏବଂ ଏଥିରେ ଥିବା ସମସ୍ତ ବିଷୟ ପାଇଁ ଆମେ ପ୍ରଚେଷ୍ଟା କରିବା ଉଚିତ୍। ମୁଁ ଅଧିକ କିଛି ଚାହେଁ ନାହିଁ, ଏବଂ ମୁଁ କିଛି କମ୍ ମଧ୍ୟ ଚାହେଁ ନାହିଁ। ମୁଁ ତ କେବଳ ସେତିକି ଚାହେଁ ଯାହାକି ଏହା କୁହେ।

22 ତେବେ, ଏବ୍ରୀର ଏହି ପୁସ୍ତକଟି, ମୁଁ ଏହାକୁ ବାଛିବାର କାରଣ ହେଲା; ଗୋଟିଏ ଉଦ୍ଦେଶ୍ୟ, ଗୋଟିଏ ବିଷୟ; ଏହି ଚିଠିଟି, "ପ୍ରିୟ ଭାଇ ବ୍ରାନହାମ୍," ଏବଂ ପ୍ରଭୃତି। ଏବଂ ମୁଁ—ମୁଁ, ଆମେମାନେ ବାକ୍ୟ ସହିତ ରହିବାକୁ ଚାହୁଁଅଛୁ।

23 ତେବେ, ପ୍ରଥମ ଅଧ୍ୟାୟଟି, ଯୀଶୁଙ୍କୁ ଉନ୍ନତ କରିବାର ଥିଲା, ତେଣୁ ସେ ହେଉଛନ୍ତି ସେହି ମୁଖ୍ୟଜଣ। ଏବଂ ପାଉଲ ଆମକୁ ଜଣାଇଲେ, ଅନ୍ୟ ରାତିରେ, ଯେ ସେ ସେହି ମହାନ ଆରମ୍ଭରେ ଥିଲେ। ଏବଂ ଆମେମାନେ ପାଉ ଯେ ସେହି 7ମ ପର୍ବର ସେହି ମହାନ "ଶାଲେମର ରାଜା, ମଲ୍‌କୀଷେଦକ," ଠାରୁ ସେ କୌଣସି ମତେ କିଛି କମ୍ ନ ଥିଲେ।

24 ଏବଂ ତେବେ, ଆଜି ସକାଳେ, ଆମେମାନେ 2ୟ ପର୍ବରୁ, ଏକ ଅନ୍ୟ—ଅନ୍ୟ ଦୃଷ୍ଟିକୋଣରୁ ତାହାଙ୍କ ନିକଟକୁ ଆସୁଅଛୁ। ତେବେ, ପାଉଲ ଆମକୁ, ଯୀଶୁଙ୍କୁ ଉନ୍ନତ କରିବାର ଏହି ମହାନ, ଚମତ୍କାର ବାର୍ତ୍ତା ଦେଇ ସାରିବା ପରେ, "ଏପରିକି ସ୍ୱର୍ଗଦୂତମାନେ ସୁଦ୍ଧା ତାହାଙ୍କୁ ଉପାସନା କରିଥିଲେ।" ଏବଂ ମୁଁ ଭାବୁଛି, ଯେ ଏଠାରେ, ସେହି ପୃଥିବୀ ପରି, ଏହା କିପରି ପୁରୁଣା ଅଟେ: "ଏବଂ ସେ ଏହାକୁ ଏକ ପୋଷାକ ପରି ଗୁଡ଼ାଇ ଦେବେ, ମାତ୍ର ସେମାନେ ବିନଷ୍ଟ ହେବେ, ମାତ୍ର ତୁମେ ସ୍ଥାୟୀ ରହିବ।"

25 ଏବଂ ଏଠାରେ 2ୟ ଅଧ୍ୟାୟରେ, କିମ୍ବା, ସେହି 2ୟ ପଦରେ, ମୁଁ ବିଶ୍ୱାସ କରେ ଯେ ଏହା ଅଟେ, "ଆଜିର ଦିନରେ ସେ ଆପଣା ପୁତ୍ରଙ୍କ ଦ୍ୱାରା ଆମ ସହିତ କଥା ହୋଇଛନ୍ତି।" ଏବଂ, ଦେଖନ୍ତୁ, "ବିଭିନ୍ନ ପ୍ରକାରେ ଓ ବିଭିନ୍ନ ସମୟରେ ସେ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା କଥା କହିଥିଲେ।" ଆମେମାନେ ତାହା ଦେଇ ଯାଇଥିଲୁ ଏବଂ ଜାଣିବାକୁ ପାଇଲୁ ଯେ ଭବିଷ୍ୟଦ୍‌ବକ୍ତାମାନେ କଅଣ ଥିଲେ, ଏବଂ ପରମେଶ୍ୱର କିପରି ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ତାହାଙ୍କ ବାର୍ତ୍ତାକୁ ନେଇ ଆସିଥିଲେ। "କିନ୍ତୁ ଏହି ଶେଷ ଦିନରେ ସେ ଆପଣା ପୁତ୍ର ଯୀଶୁଙ୍କ ଦ୍ୱାରା, ପବିତ୍ରଆତ୍ମାଙ୍କ ମାଧ୍ୟମରେ କଥା ହୋଇଅଛନ୍ତି। ସେତେବେଳେ, ସେ ଭବିଷ୍ୟଦ୍‌ବକ୍ତାମାନଙ୍କ ମାଧ୍ୟମରେ କଥା କହିଥିଲେ।" ତାହାପରେ ଆମେମାନେ ଫେରି ଯାଇ ଏହା ଜାଣିବାକୁ ପାଇଥିଲୁ, ସେହି ସମସ୍ତ ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କର ଆତ୍ମା ରହିଥିଲା।

26 ଆମେମାନେ ଯୋଷେଫଙ୍କ ନିକଟକୁ ଫେରି ଯାଇ ଏହା ଜାଣିବାକୁ ପାଇଲୁ ଯେ ସେ ସିଦ୍ଧ ରୂପେ ଖ୍ରୀଷ୍ଟଙ୍କୁ ନିଦର୍ଶିତ କରିଥିଲେ। ମୋଶାଙ୍କ ନିକଟକୁ ଫେରି ଯାଇ ଏହା ଜାଣିବାକୁ ପାଇଲୁ ଯେ ସେ ସମ୍ପୂର୍ଣ୍ଣ ରୂପେ ଖ୍ରୀଷ୍ଟଙ୍କୁ ନିଦର୍ଶିତ କରିଥିଲେ। ତାହାପରେ ଆମେ ଏପରିକି ଦାଉଦଙ୍କ ନିକଟକୁ ମଧ୍ୟ ଯାଇଥିଲୁ। ଏବଂ ଯେତେବେଳେ ଦାଉଦ ଯିରୁଶାଲମରେ ପ୍ରତ୍ୟାଖ୍ୟାନ କରା ଯାଇଥିଲେ, ଏହା ନ ଜାଣି ଯେ କାହିଁକି, ମାତ୍ର ସେ ପାହାଡ ଉପରକୁ ଯାଇ, ଜୀତ ପର୍ବତ ଆଡକୁ ଫେରି ପଛକୁ ଚାହିଁଥିଲେ, ଏବଂ ଯିରୁଶାଲମ ଉପରେ କାନ୍ଦିଥିଲେ କାରଣ ସେ ପ୍ରତ୍ୟାଖ୍ୟାନ କରା ଯାଇଥିଲେ। ସେହି ସମୟଠାରୁ ଆଠ ଶହ ବର୍ଷ ପରେ, ଦାଉଦଙ୍କର ସେହି ପୁତ୍ର ରାଜା ଭାବରେ, ଯିରୁଶାଲମରେ ପ୍ରତ୍ୟାଖ୍ୟାନ କରା ଯାଇଥିଲେ, ଏବଂ ସେହି ସମାନ ପାହାଡ ଉପରେ ବସି କାନ୍ଦିଥିଲେ। ଓଃ, ଖ୍ରୀଷ୍ଟଙ୍କର ସେହି ଆତ୍ମା, ବ୍ୟକ୍ତିବିଶେଷଙ୍କ ସହିତ ବ୍ୟବହାର କରୁଥିଲେ!

27 ତେବେ, ପାଉଲ କହିବାକୁ, ଆରମ୍ଭ କରନ୍ତି:

*ଅତଏବ ଶୁଣାଯାଇଥିବା ବାକ୍ୟ ପ୍ରତି ଅଧିକ ମନୋଯୋଗୀ ହେବା ଆମ୍ଭମାନଙ୍କର ଉଚିତ୍,...*

28 2ୟ ଅଧ୍ୟାୟ, ବର୍ତ୍ତମାନ, ଆମେମାନେ ଆରମ୍ଭ କରୁଅଛୁ।

*ଅତଏବ ଶୁଣାଯାଇଥିବା ବାକ୍ୟ ପ୍ରତି ଅଧିକ ମନୋଯୋଗୀ ହେବା ଆମ୍ଭମାନଙ୍କର ଉଚିତ୍, ନୋହିଲେ...କାଳେ ଆମ୍ଭେମାନେ ଲକ୍ଷ୍ୟଭ୍ରଷ୍ଟ ହେବୁ।*

29 ଓଃ, ଏହା ହେଉ ଯେ ପରମେଶ୍ୱର ଆଜି ସକାଳେ ଏହି ଆରାଧନାଳୟରେ ସେହି ବିଷୟକୁ ସୀଧା ଘର ଭିତରକୁ ନେଇ ଯାଆନ୍ତୁ। ମୁଁ ପ୍ରାର୍ଥନା କରେ ଯେ ପବିତ୍ରଆତ୍ମା ତାହାକୁ ଆପଣଙ୍କ ହୃଦୟ ଭିତରେ ଅତି ଗଭୀର ଭାବରେ ନିମଜ୍ଜିତ କରିବେ। "ଶୁଣାଯାଇଥିବା ବାକ୍ୟ ପ୍ରତି ଅଧିକ ମନୋଯୋଗୀ ହେବା ଆମମାନଙ୍କର ଉଚିତ୍।" ଆମେମାନେ କେଉଁ ପ୍ରକାରର ଲୋକ ହେବା ଉଚିତ୍, ଯେତେବେଳେକି ଆମେମାନେ ସେହି ମହାନ ଯିହୋବାକୁ ତଳକୁ ଓହ୍ଲାଇ ଆସି ସେହି ବିଷୟଗୁଡିକୁ କରୁଥିବାର ଦେଖୁ ଯାହା ସେ କରୁଅଛନ୍ତି, ଏବଂ ସେଗୁଡିକୁ ଶାସ୍ତ୍ର ପରେ ଶାସ୍ତ୍ର ସହିତ, ତୁଳନା କରା ଯାଉଥିବାର ଦେଖୁ, ଯେ ସେଗୁଡିକ ସତ୍ୟ ଅଟେ? ଏବଂ ଆମେ ବେଳେବେଳେ ଗୋଟିଏ କାଠ ଗଣ୍ଡି ଉପରେ ଏକ ମଶା ରହିଥିବା ଭଳି ବସିଥାଉ, ଏବଂ ଏତେ ବେପରୁଆ ଭାବରେ ରହିଥାଉ। ଆମକୁ ତ ପ୍ରତି ମିନିଟ, ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବା ପାଇଁ ଚେଷ୍ଟା କରିବା ହେତୁ, ବ୍ୟସ୍ତ ରହିବା ଉଚିତ୍। ଆମକୁ ତ ଜୀବନ୍ତ ପଥର ହେବା ଉଚିତ୍। ଆମକୁ ତ କଦାପି ସେହିପରି ଅଳସୁଆ ହେବା ଉଚିତ୍ ନୁହେଁ ଯେପରିକି ଆମେମାନେ ଅଛୁ। ଆମେମାନେ ମଣ୍ଡଳୀକୁ ଯିବା, ଏବଂ ଆମେ ପ୍ରଭୁ ଯୀଶୁଙ୍କୁ କିଛି କାର୍ଯ୍ୟ କରୁଥିବାର ଦେଖିବା, କିମ୍ବା—କିମ୍ବା ଆମକୁ ଏହିପରି ଭାବରେ ଆଶୀର୍ବାଦ କରୁଥିବାର ଦେଖିବା, ଏବଂ ତାହାପରେ ଆମେମାନେ—ଆମେମାନେ ବାହାରକୁ ଯାଇ କହିବା, "ବହୁତ ଉତ୍ତମ ସଭା।"

30 ତେବେ, ବାକ୍ୟର ପ୍ରଚାର କରାଯିବା, ଆମେ ଏହାକୁ ଉପଭୋଗ କରୁ, ମାତ୍ର ତାହା ମୁଖ୍ୟ ବିଷୟ ନୁହେଁ । ତାହା ନୁହେଁ । ଆମେମାନେ ବାକ୍ୟ ପ୍ରଚାର କରାଯିବା ପରେ ତାହାଙ୍କୁ ଉପାସନା କରିବା ଉଚିତ୍ ନୁହେଁ, ଯେପରିକି ଆମେମାନେ ସାଧାରଣତଃ କରିଥାଉ, କେବଳ ତାହାଙ୍କୁ ଉପାସନା କରିଥାଉ । ତାହା ଅଦ୍ଭୁତ ଅଟେ । ମାତ୍ର ଆମେ ଆମ ଜୀବନର ପ୍ରତ୍ୟେକ ଘଣ୍ଟାରେ ତାହାଙ୍କୁ ଉପାସନା କରିବା ଉଚିତ୍ । ଯେତେବେଳେ ଆମେମାନେ କାର୍ଯ୍ୟରେ ରହିଥାଉ, ଆମେ ତାହାଙ୍କୁ ଉପାସନା କରିବା ଉଚିତ୍ । ପ୍ରତ୍ୟେକ ଥର ଯେତେବେଳେ ସେହି ସୁଯୋଗ ନିଜକୁ ଉପସ୍ଥାପନ କରିଥାଏ, ସେତେବେଳେ ପ୍ରଭୁଙ୍କ ବିଷୟ ସାକ୍ଷ୍ୟ ଦେଇ ତାହାଙ୍କୁ ଉପାସନା କରନ୍ତୁ ।

ଯଦି ଆପଣ ଦେଖନ୍ତି, ଆପଣମାନଙ୍କ ମଧ୍ୟରୁ କେତେକ ମହିଳାମାନେ, ଜଣେ ସ୍ତ୍ରୀଲୋକକୁ ଭୁଲ୍‌ରେ ଥିବାର ଦେଖନ୍ତି, ତାଙ୍କୁ ନେଇ ଏହା କହି ପ୍ରଭୁଙ୍କର ଉପାସନା କରନ୍ତୁ ଯେ, "ଭଉଣୀ, ଏହାଠାରୁ ଏକ ଅଧିକ ଉତ୍ତମ ଜୀବନ ଅଛି ।"

31 ଆପଣ କାର୍ଯ୍ୟରେ ଥିବା ପୁରୁଷମାନେ, ଯେତେବେଳେ ଆପଣ ଜଣେ ବ୍ୟକ୍ତିଙ୍କୁ ପ୍ରଭୁଙ୍କର ନାମକୁ ବୃଥାରେ ବ୍ୟବହାର କରୁଥିବାର ଶୁଣନ୍ତି, ଯେତେବେଳେ ବି ଗୋଟିଏ ପାର୍ଶ୍ୱକୁ ଯିବାର ସୁଯୋଗ ପାଆନ୍ତି, ଆଉ ତାଙ୍କୁ ହାତରେ ଧରନ୍ତୁ ଏବଂ କୁହନ୍ତୁ, "ଆପଣ, ଏହା ଅପେକ୍ଷା ଏକ ଅଧିକ ଉତ୍ତମ ଜୀବନ ଅଛି । ଆପଣ ସେହି ଶବ୍ଦଗୁଡିକୁ ବ୍ୟବହାର କରିବା ଉଚିତ୍ ନୁହେଁ ।" ଏବଂ ତାଙ୍କୁ ନମ୍ର, ଭଦ୍ର ଭାବରେ କୁହନ୍ତୁ । ସେହି ସମସ୍ତ ବିଷୟ ଏକ ଉପାସନା ଅଟେ ।

ଏବଂ ଯେତେବେଳେ ଆମେ କାହାରିକୁ ଅସୁସ୍ଥ ଦେଖୁ, ଏବଂ ଡାକ୍ତର କୁହନ୍ତି ଯେ ଆଉ କିଛି କରାଯାଇପାରେ ନାହିଁ, ସେତେବେଳେ ଆମେମାନେ ସେମାନଙ୍କୁ ଏହା କହି ପ୍ରଭୁଙ୍କର ଉପାସନା କରିବା ଉଚିତ୍ ଯେ, "ସ୍ୱର୍ଗର ଜଣେ ପରମେଶ୍ୱର ଅଛନ୍ତି ଯିଏକି ପ୍ରାର୍ଥନାର ଉତ୍ତର ଦିଅନ୍ତି ।"

32 ଏବଂ ତାହାପରେ ଯେତେବେଳେ ଆମେ ସେହି ବିଷୟଗୁଡ଼ିକୁ ଘଟୁଥିବାର ଦେଖୁ, ଯାହାକି ଆମେ ଘଟୁଥିବାର ଏବଂ ହେଉଥିବାର ଦେଖିଥାଉ, ସେତେବେଳେ ଆମେମାନେ କଦାପି ଏହି ଜିନିଷଗୁଡ଼ିକୁ ଖସିଯିବାକୁ ଦେବା ଉଚିତ୍ ନୁହେଁ । ଆମେମାନେ ତ କେବଳ ଏହାକୁ ନିଜ ଆଙ୍ଗୁଠି ଦେଇ ଖସିଯିବାକୁ ଦେଇଥାଉ । ତାହାହିଁ ତ ଆଜି ସେହି ମହାନ ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ସହିତ ମାମଲା ଅଟେ । ସେମାନେ ଫସଲର ଉତ୍ତମ ଲହୁଣୀକୁ ନିଜ ଆଙ୍ଗୁଳି ଦେଇ ଖସିଯିବାକୁ ଦେଇଛନ୍ତି, ଯେତେବେଳେକି ତାହା ସେମାନଙ୍କ ହାତରେ ରହିଥିଲା । ମାତ୍ର, ଦେଖନ୍ତୁ ଯେ ସେମାନେ କଅଣ କରିଛନ୍ତି, ସେମାନେ ବାକି ସେହି ମଣ୍ଡଳୀଗୁଡିକ ପରି ଆଚରଣ କରିଛନ୍ତି । "ସେମାନେ କୋରହର ପଥରେ-...ଅର୍ଥଲୋଭ ସକାଶେ ଚାଲି ଯାଇଅଛନ୍ତି, ଏବଂ ବିନଷ୍ଟ ହୋଇଅଛନ୍ତି; ଏବଂ କୟିନର ପଥରେ, ଏବଂ କୋରହର ସଦୃଶ ଅର୍ଥଲୋଭ ସକାଶେ ବିନଷ୍ଟ ହୋଇ ଯାଇଅଛନ୍ତି ।"

33 ସେମାନେ ସଂଗଠିତ ହୋଇଅଛନ୍ତି । ଭ୍ରାତୃପ୍ରେମ ରଖିବା ପରିବର୍ତ୍ତେ ଯେଉଁଠାରେକି

ଆମେମାନେ ସମସ୍ତେ ଏକ ହୋଇପାରିବା, ସେମାନେ ନିଜ ନିଜକୁ ସଂଗଠିତ କରିଅଛନ୍ତି । ଛୋଟ ଛୋଟ ସଂଗଠନ ଏବଂ ଛୋଟ ଛୋଟ ବାଦଗୁଡିକ ନିର୍ମାଣ କରିଅଛନ୍ତି, ଏବଂ ସେଠାରୁ ଉତ୍ପନ୍ନ ହୋଇଅଛନ୍ତି ଓ ଠିକ ଭ୍ରାତୃପ୍ରେମକୁ ଭଗ୍ନ କରିଅଛନ୍ତି । ଏବଂ ଯଦି ଆପଣମାନେ ଲକ୍ଷ୍ୟ ନ କରନ୍ତି, ତେବେ ସେହି ବାପ୍‌ଟିଷ୍ଟ ଏବଂ ପ୍ରେସ୍‌ବିଟେରିଆନ୍‌ମାନେ ଏହାକୁ ନେବାକୁ ଯାଉଅଛନ୍ତି, କାରଣ, "ପରମେଶ୍ୱର ଏହି ପଥରଗୁଡିକରୁ ଅବ୍ରହାମଙ୍କ ନିମନ୍ତେ ସନ୍ତାନ ଉତ୍ପନ୍ନ କରି ପାରିବାରେ ସକ୍ଷମ ଅଟନ୍ତି ।" ଏବଂ ଆମେମାନେ—ଆମେମାନେ ବିଭାଜିତ ହୋଇ ଏହାକୁ ନିଜ ହାତରୁ ଖସିଯିବାକୁ ଦେଇଅଛୁ ।

34 ଭାରତୀୟମାନେ କିପରି ଏହି ଦେଶକୁ ଶ୍ୱେତ ଲୋକମାନଙ୍କ ନିକଟରେ ହାରିଥିଲେ? କାରଣ ସେମାନେ ବିଭକ୍ତ ରହିଥିଲେ । ଯଦି ସେମାନେ ଗୋଟିଏ ବଡ ସମାବେଶ କରିଥାନ୍ତେ…ମାତ୍ର ସେମାନେ ତ ପରସ୍ପର ମଧ୍ୟରେ ଜଣେ ଅନ୍ୟ ସହିତ ଯୁଦ୍ଧ କରିଥିଲେ । ଯଦି ସେମାନେ ସମସ୍ତେ ଏକାଠି ହୋଇ ଆସିଥାଆନ୍ତେ ତେବେ ସେମାନେ ସେମାନଙ୍କର ଭୂମିକୁ ନିଜ ଅଧିକାରରେ ରଖିଥାଆନ୍ତେ ।

35 ଆମେମାନେ ଏହାକୁ କିପରି ହରାଇବାକୁ ଯାଉଅଛୁ? କାରଣ ଆମେମାନେ ବିଭକ୍ତ ଅଟୁ । ଆମେମାନେ କିପରି ପରମେଶ୍ୱରଙ୍କ ସହିତ ଆମର ଅଭିଜ୍ଞତାକୁ ହରାଇଥାଉ, କାରଣ ଆମେମାନେ ବିଭାଜିତ ହୋଇ ରହିଥାଉ । ଆମେମାନେ ଗୋଟିଏକୁ ବ୍ୟବସ୍ଥିତ କରିଥାଉ, *ଏହାକୁ* ସେହି—ସେହି ମେଥୋଡିଷ୍ଟ ବୋଲି ଡାକିଥାଉ, ଏବଂ *ଏହାକୁ* ବାପ୍‌ଟିଷ୍ଟ ବୋଲି କହିଥାଉ, ଏବଂ *ଏହାକୁ* ଆସେମ୍ବଲିଜ ବୋଲି କହିଥାଉ, ଏବଂ *ଏହାକୁ* ୱାନ୍‌ନେସ୍, ଏବଂ *ଏହାକୁ* ସେହି *ଅନ୍ୟାନ୍ୟ*-କିଛି ବୋଲି କହିଥାଉ, ଏବଂ ଚର୍ଚ୍ଚ ଅଫ ଗଡ୍, ଏବଂ ନାଜରିନ, ପିଲ୍‌ଗ୍ରିମ୍ ହୋଲିନେସ୍ କହିଥାଉ । ଆମେମାନେ ଖ୍ରୀଷ୍ଟଙ୍କ ଶରୀରକୁ ବିଭକ୍ତ କରିଥାଉ । ଆମେମାନେ କଦାପି ବିଭାଜିତ ହେବା ଉଚିତ୍ ନୁହେଁ । ଆମେମାନେ ବିଚାରଧାରାରେ ଭିନ୍ନ ହୋଇପାରୁ, ମାତ୍ର ଆସନ୍ତୁ ଆମେମାନେ ହୃଦୟ-ରୁ-ହୃଦୟରେ ଭାଇ ହୋଇ ରହିବା । ପରମେଶ୍ୱର ଆମଠାରୁ ସେହିପରି ରହୁ ବୋଲି ଚାହାଁନ୍ତି । ସେ ସମଗ୍ର ପରମେଶ୍ୱରଙ୍କ ମଣ୍ଡଳୀ ପାଇଁ ମୃତ୍ୟୁବରଣ କରିଥିଲେ । ଏବଂ ଆମେ ବିଭାଜିତ ହୋଇ ରହିବାକୁ ଚାହୁଁନାହୁଁ ।

> ତେବେ *ଅଧିକ ମନୋଯୋଗୀ* ହେବା *ଆମ୍ଭମାନଙ୍କର ଉଚିତ୍*…ନୋହିଲେ *କାଳେ ଆମ୍ଭେମାନେ ଲକ୍ଷ୍ୟଭ୍ରଷ୍ଟ ହେବୁ ।*
>
> *କାରଣ ଦୂତମାନଙ୍କ ଦ୍ୱାରା କଥିତ ବାକ୍ୟ ଯଦି ଅଟଳ ହୋଇ ରହିଲା,…*

36 କଅଣ ଆପଣ ଏହା ଶୁଣିଲେ? "ଯଦି ଦୂତମାନଙ୍କ ଦ୍ୱାରା କଥିତ ବାକ୍ୟ…" ତେବେ, *ଦୂତ* ହେଉଛନ୍ତି "ବାର୍ତ୍ତାବହ ।" ସେହି *ଦୂତ* ଶବ୍ଦର ଅର୍ଥ ହେଉଛି "ଜଣେ ବାର୍ତ୍ତାବହ ।" ଏବଂ ଠିକ ଏଠାରେ ତାହା ଦେଇ, ସେହି 1ମ ପୁସ୍ତକରେ ଦେଖିଥିଲୁ, "ପରମେଶ୍ୱର, ପୂରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ କାଳରେ, ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହିଥିଲେ ।" ତାହା ପରମେଶ୍ୱରଙ୍କ ବାର୍ତ୍ତାବହ ଥିଲେ । ଏବଂ ସେମାନେ, ଯଦି ସେମାନେ

ପରମେଶ୍ୱରଙ୍କ ବାର୍ତ୍ତାବହ ଥିଲେ, ସେମାନେ ପରମେଶ୍ୱରଙ୍କ ଦୂତଗଣ ଥିଲେ। ଜଣେ ବାର୍ତ୍ତାବହ ଏକ ଦୂତ ଅଟେ; କିମ୍ବା ଜଣେ ଦୂତ ବରଂ ଏକ ବାର୍ତ୍ତାବହ ଅଟନ୍ତି।

37 ଜଣେ ବାର୍ତ୍ତାବହ! ଆଜି ସକାଳେ, ଆପଣ ଜଣେ ବାର୍ତ୍ତାବହ ଅଟନ୍ତି। ଆପଣ…ଆପଣ ଉତ୍ତମ ସମାଚାରର ବାର୍ତ୍ତାବହ କିମ୍ବା ମନ୍ଦ ସମାଚାରର ବାର୍ତ୍ତାବହ ଅଟନ୍ତି। ଓଃ, କଅଣ ଏହା ସୁନ୍ଦର ନୁହେଁ କି, ଏହା ଜାଣିବା ଯେ ଆମେମାନେ ରାଷ୍ଟ୍ରଦୂତ ଅଟୁ, ଯେ ଆମେମାନେ ଦୂତ ଅଟୁ, ପୁନରୁତ୍ଥାନର ବାର୍ତ୍ତାବହ ଅଟୁ? ଏବଂ ଆମେମାନେ ପାପମୟ ଜଗତ ପାଇଁ ପରମେଶ୍ୱରଙ୍କ ବାର୍ତ୍ତାବହ ଅଟୁ, ଯେ ଖ୍ରୀଷ୍ଟ ଜୀବିତ ଅଛନ୍ତି। ଆମମାନଙ୍କ ହୃଦୟରେ, ସେ ଜୀବିତ ଅଛନ୍ତି। ଆମମାନଙ୍କ ଆତ୍ମାରେ, ସେ ଜୀବିତ ଅଛନ୍ତି। ଏବଂ ସେ ଆମମାନଙ୍କୁ ପାପର ସବୁଠୁ ନିମ୍ନସ୍ତରର ଜୀବନରୁ ଉପରକୁ ଆଣି, ଉନ୍ନୀତ କରିଅଛନ୍ତି, ଏବଂ ଆମମାନଙ୍କୁ ଆମର ପ୍ରାଣରେ ଏକ "ହାଲ୍ଲେଲୁୟା" ପ୍ରଦାନ କରିଅଛନ୍ତି, ଆମ ପ୍ରାଣରେ, ଏବଂ ଆମକୁ ଏକ ନୂତନ ଜୀବ କରିଅଛନ୍ତି। ଆମେମାନେ ବାର୍ତ୍ତାବହ ଅଟୁ, ନିୟମର ସେହି ଦୂତ ଅଟୁ। କେତେ ଅଦ୍ଭୁତ!

38 ଏବଂ ବର୍ତ୍ତମାନ, ପୁରାତନ ନିୟମରେ, "ଯଦି—ଯଦି ଦୂତମାନଙ୍କ ଦ୍ୱାରା କଥିତ ବାକ୍ୟ ଅଟଳ ରହିଥିଲା," ସେହି ଉପାୟରେ ତ ତାହା ଠିକ୍ ହେବା ଆବଶ୍ୟକ ଅଟେ। ପୁରାତନ ନିୟମରେ, ଏହା ପୂର୍ବେ କି ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ବାକ୍ୟ ପ୍ରକଟିତ କରା ଯାଇପାରେ, ଏହାକୁ ପରୀକ୍ଷା କରି ପ୍ରମାଣ କରାଯିବାକୁ ପଡୁଥିଲା। ସେମାନେ ଏହା ସହିତ ସେତିକି ହୁଗୁଳା ନ ଥିଲେ, ଯେତିକି ଆମେମାନେ ଆଜି ଅଟୁ।

39 କେବଳ ବାହାରି ଯାଇ ଯେକୌଣସି ପ୍ରକାରର ଏକ ସମ୍ବେଦନା ଗ୍ରହଣ କରି ନେଇଥାଉ, କିମ୍ବା ଅନ୍ୟ କୌଣସି ବିଷୟକୁ ଗ୍ରହଣ କରି ନେଇଥାଉ, "ଓଃ, ପରମେଶ୍ୱରଙ୍କ ମହିମା ହେଉ, ତାହାହିଁ ଏହା ଅଟେ!" ଆପଣ ଭୁଲ୍ କରନ୍ତି।

ବାଇବଲ କୁହେ, ଯେ, "ଶେଷ ଦିନରେ, ଶୟତାନ ଖ୍ରୀଷ୍ଟିଆନ ଧର୍ମର ଏତେ ନିକଟତର ଭାବରେ, ନକଲ କରିବ, ଯେ ଏପରିକି ତାହା ଯଦି ସମ୍ଭବ ହୁଏ ମନୋନୀତ ଲୋକମାନଙ୍କୁ ସୁଦ୍ଧା ପ୍ରତାରିତ କରିଦେବ।" ତାହା ଠିକ୍ ଅଟେ। ତେଣୁକରି, ଆମେମାନେ ଏହାକୁ ନିଶ୍ଚିତରେ ପରୀକ୍ଷା କରିବା ଉଚିତ୍।

40 ଏବଂ ସେମାନେ ଏହାକୁ ନିଜ ସମୟରେ କିପରି ପରୀକ୍ଷା କରିଥିଲେ? ସେହି ଉରିମ୍ ଥୁମ୍ମିମ୍ ପ୍ରତି। ହାରୋଣଙ୍କ ବୁକୁପଟା, ଯେଉଁଥିରେକି ସେହି ପଥରଗୁଡିକ ରହିଥିଲା: ସୂର୍ଯ୍ୟକାନ୍ତ ମଣି, ମରକତ ମଣି, ହୀରା, ମୁକ୍ତା, ନୀଳକାନ୍ତ ମଣି। ସେହି ସମସ୍ତ ପଥରଗୁଡିକ, ଯାହାକି ଏହି ବାର ପିତୃପୁରୁଷମାନଙ୍କର ଜନ୍ମକୁ ନିଦର୍ଶିତ କରୁଥିଲା, ହାରୋଣଙ୍କ ବୁକୁପଟାରେ ରହିଥିଲା। ଏବଂ ଯେତେବେଳେ ଜଣେ ଭବିଷ୍ୟଦ୍‌ବକ୍ତା ଭବିଷ୍ୟଦ୍‌ବାଣୀ କରୁଥିଲେ, ଏବଂ ସେହି ପବିତ୍ର ଆଲୋକ ତାହା ଉପରେ ଝଲସି ଉଠୁଥିଲା, ପରମେଶ୍ୱର କହିଥିଲେ, "ତାହା ସତ୍ୟ ଅଟେ।" ମାତ୍ର, ଏହା ଯେତେ ବାସ୍ତବିକ ପରି ମନେ ହେଉ ନା କାହିଁକି, ଯଦି ଏହା ତାହା ଉପରେ ଝଲସି ନ ଉଠେ, ତେବେ ଏହା ସତ୍ୟ ନ ଥିଲା। ତେଣୁକରି, ସେହି ଉରିମ୍ ଥୁମ୍ମିମ୍

ସେହି ଯାଜକତ୍ୱ ସହିତ ଯାଇଥିଲା ।

41 ମାତ୍ର ଆଜି ଏହି ବାଇବଲ ହେଉଛି ପରମେଶ୍ୱରଙ୍କ ଉରିମ୍ ଥୁମ୍ମିମ୍ । ଏବଂ ଯେତେବେଳେ ଜଣେ ଭବିଷ୍ୟଦ୍‌ବକ୍ତା ଭବିଷ୍ୟତ୍‌ବାଣୀ କରନ୍ତି, ଏହା ନିଶ୍ଚିତ ଭାବରେ ବାଇବଲ ସହିତ ଝଲସିବା ଆବଶ୍ୟକ ଅଟେ । ତେବେ ଯାଇ, ପରମେଶ୍ୱର କୁହନ୍ତି, ତାହାପରେ ସେ ଓହ୍ଲାଇ ଆସନ୍ତି ଓ ଏହାକୁ ପ୍ରମାଣ କରନ୍ତି ।

42 ଓଃ, ମୁଁ ଆଜି କିପରି ପରମେଶ୍ୱରଙ୍କୁ ମହିମାନ୍ୱିତ କରିପାରେ! ମୁଁ ଏହା ସଦୃଶ, ଆଉ ଏକ ରବିବାର ସକାଳ ବିଷୟରେ ଚିନ୍ତା କରୁଅଛି, ଯେତେବେଳେକି ମୁଁ ଆରାଧନାଳୟ ଛାଡି ଯାଉଥିଲି । ଏବଂ ଆପଣ ଲୋକମାନେ କାନ୍ଦୁଥିଲେ ଏବଂ ମୋତେ ନ ଯିବା ପାଇଁ କହୁଥିଲେ । ମାତ୍ର, ଯେତେବେଳେ ମୁଁ ଦାଉଦ ଏବଂ ଗୋଲିୟାତ ଉପରେ ପ୍ରଚାର କରିଥିଲି, ଏବଂ ଆପଣମାନେ କିପରି ସେହି ଶୀତଳ, ଉଦାସୀନ ଜଗତକୁ ସମ୍ମୁଖୀନ ହେବାକୁ ଯାଉଅଛନ୍ତି ଯାହାକି କୁହେ ଯେ ଆଶ୍ଚର୍ଯ୍ୟକର୍ମର ଦିନଗୁଡିକ ଅତୀତ ହୋଇ ଯାଇଅଛି ।

43 ମୁଁ କହିଥିଲି, "ଗୋଟିଏ ବଡ ମହାବୀର ଅଛି, ଏବଂ ଯେତେ ଶୀଘ୍ର ଆମେମାନେ ତାକୁ ବଧ କରିପାରିବା, ବାକି ଅନ୍ୟମାନେ ସେଥିରୁ ସାହସ ପାଇବେ ।" ଏବଂ ପ୍ରଭୁ ତାହା ପ୍ରଦାନ କଲେ । ଏବଂ ତାହାପରେ ସେଠାରେ ଜଣେ ଓରାଲ୍ ରୋବର୍ଟସ୍ ଏବଂ ଜଣେ ଜାଗର୍ସ, ପ୍ରଭୃତି ରହିଥିଲେ, ଯେଉଁମାନେକି ଖଣ୍ଡା ବାହାର କଲେ, ଏବଂ ଆମେମାନେ ଶତ୍ରୁ ସହିତ ଲଢେଇ କଲୁ ଏବଂ ତାକୁ ଦେଶରୁ ବାହାର ତଡି ଦେଲୁ, ସେମାନଙ୍କର ମୁଖକୁ ବନ୍ଦ କରିଦେଲୁ । ସେମାନେ କହିପାରନ୍ତି ନାହିଁ ଯେ ଆଶ୍ଚର୍ଯ୍ୟକର୍ମର ଘଟେ ନାହିଁ, କାରଣ ସେଗୁଡିକ ଏଠାରେ ଅଛି । ନିଶ୍ଚିତ ଭାବରେ । ପରମେଶ୍ୱରଙ୍କ ବାକ୍ୟ ଅନନ୍ତ ଅଟେ । ଏହା ଉରିମ୍ ଉପରେ ଝଲସି ଉଠିଥିଲା । ବାକ୍ୟ ଉପରେ ଝଲସି ଉଠିଥିଲା, ତାହା ହେଉଛି ତାଙ୍କର ଉରିମ୍ ଥୁମ୍ମିମ୍ । ଏବଂ ଯେତେବେଳେ ଏହା ତାହା ଉପରେ ଝଲସି ଉଠିଥିଲା, ଏହା ସକରାତ୍ମକ ଥିଲା ।

ଏବଂ ଯେକୋଣସି ଅଭାବୀ ବ୍ୟକ୍ତିଙ୍କୁ, ଯଦି ଆପଣ ଜଣେ ପାପୀ ଅଟନ୍ତି, ଆପଣ କିପରି ଉଦ୍ଧାର ପାଇବେ ତାହା ଜାଣିବାକୁ ଚାହାଁନ୍ତି, "ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରନ୍ତୁ ।"

44 ଆଜି, ଆମ ପାଖରେ ଅନେକ ବିଷୟଗୁଡିକ ଅଛି ଯାହାକି ଆପଣଙ୍କୁ କରିବାକୁ ପଡ଼ିଥାଏ । "ନୂତନ ପୃଷ୍ଠାଗୁଡ଼ିକୁ ଓଲଟାଇବାକୁ ପଡିଥାଏ । ଆପଣଙ୍କୁ ଉଦ୍ଧାର ପାଇବାକୁ ହେଲେ *ଏହା* କରିବାକୁ ପଡିଥାଏ, ଏବଂ *ତାହା* କରିବାକୁ ପଡିଥାଏ ।"

ମୁଁ ସେହି ଫିଲିପ୍ପୀୟ କାରାଗୃହ ରକ୍ଷକ ବିଷୟରେ ଭାବେ, ଯେତେବେଳେ ଏହି କାରାଗୃହ ରକ୍ଷକ ପାଉଲଙ୍କୁ ପଚାରିଥିଲେ, "ପରିତ୍ରାଣ ପାଇବା ନିମନ୍ତେ ମୁଁ କଅଣ କରିବି?"

ଏହା ଯଦି ଆପଣ କିମ୍ବା ମୁଁ ହୋଇଥାଆନ୍ତୁ, ତେବେ ଆମେ ତାଙ୍କୁ ସେହି ବିଷୟଗୁଡିକୁ କହିଥାଆନ୍ତୁ ଯାହା ସେ କରିବା ଉଚିତ୍ *ନୁହେଁ* । "ଆପଣଙ୍କୁ ମଦ୍ୟପାନ ଛାଡିବା ଉଚିତ୍ । ଆପଣଙ୍କୁ ନିଜର—ନିଜର ଜୁଆ ଖେଳ ତ୍ୟାଗ କରିବା ଉଚିତ୍ । ଆପଣଙ୍କୁ *ଏହାକୁ* ଛାଡିବା ଉଚିତ୍ । ଆପଣଙ୍କୁ *ତାହା* ଛାଡିବା ଉଚିତ୍ ।"

ପାଉଲ ତାଙ୍କୁ ତାହା କଦାପି କହିଲେ ନାହିଁ । ସେ କେବଳ ତାଙ୍କୁ ସେହି ବିଷୟସବୁ କହିଲେ ଯାହା ତାଙ୍କୁ କରିବା ଉଚିତ୍ । "ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କର, ଏବଂ ତୁମେ ପରିତ୍ରାଣ ପ୍ରାପ୍ତ ହେବ ।"

45 ତେବେ, "ଯିଏ ମୋର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କ ଠାରେ ବିଶ୍ୱାସ କରେ ସେ ଅନନ୍ତ ଜୀବନ ପାଇଅଛି ।" ତାହାହିଁ ଉରିମ୍ ଥୁମ୍ମିମ୍‌ର ଝଲସିବା ଅଟେ, ସାଧୁ ଯୋହନ 5:24 । "ମୁଁ ସଦାପ୍ରଭୁ ଯିଏକି ତୁମର ସମସ୍ତ ରୋଗକୁ ସୁସ୍ଥ କରନ୍ତି ।" ଯାକୁବ 5:14, "ପ୍ରାଚୀନମାନଙ୍କୁ ଡକାଅ, ସେମାନେ ତେଲରେ ଅଭିଷେକ କରନ୍ତୁ, ବିଶ୍ୱାସର ପ୍ରାର୍ଥନା ରୋଗୀମାନଙ୍କୁ ଉଦ୍ଧାର କରିବ ।" ସେହି ଉରିମ୍ ଝଲସୁଛି । ବୁଝିଲେ? ତାହା ହେଉଛି ପରମେଶ୍ୱରଙ୍କ ଅନନ୍ତ ବାକ୍ୟ ।

46 ମୋର ସେଥିରେ କିଛି ଯାଏ ଆସେ ନାହିଁ ଯେ କେତେ ନାସ୍ତିକ, ଅବିଶ୍ୱାସୀ, ସନ୍ଦେହୀ, ଅନ୍ଧବିଶ୍ୱାସୀ ଉଠନ୍ତି । ପରମେଶ୍ୱର ତାହାଙ୍କ ବାକ୍ୟ ସପକ୍ଷରେ ଛିଡା ହେବେ । ସେ ଏହା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।

47 "ଏବଂ ବର୍ତ୍ତମାନ ଶୁଣାଯାଇଥିବା ବାକ୍ୟ ପ୍ରତି ଅଧିକ ମନୋଯୋଗୀ ହେବା ଆମ୍ଭମାନଙ୍କର ଉଚିତ୍, ନୋହିଲେ କାଳେ ଆମ୍ଭେମାନେ ଲକ୍ଷ୍ୟଭ୍ରଷ୍ଟ ହେବୁ । କାରଣ ଦୂତମାନଙ୍କ (ଭବିଷ୍ୟଦ୍‌ବକ୍ତା) ଦ୍ୱାରା କଥିତ ବାକ୍ୟ ଯଦି ଅଟଳ ହୋଇ ରହିଲା..." କଅଣ ତାହା ରହିଥିଲା କି? ଆମେମାନେ ଏହା ଉପରେ ଏକ ସପ୍ତାହ ବିତାଇ ପାରିବା ।

48 କଅଣ ଯେତେବେଳେ ମୋଶା କହିଥିଲେ ଏହା ସେତେବେଳେ ଅଟଳ ରହିଥିଲା କି? ଏହା ନିଶ୍ଚିତରେ ରହିଥିଲା ।

ଏଲିୟଙ୍କ ବିଷୟରେ କଅଣ, ଯେତେବେଳେ ସେ ପର୍ବତ ଶିଖର ଉପରେ ବସି ରହିଥିଲେ? ପ୍ରଭୁ ତାଙ୍କୁ କହିଥିଲେ, "ଏଲିୟ, ସେଠାରେ ଉପରକୁ ଯାଅ । ମୁଁ ତୁମ ସହିତ ସେଠାରେ ରହିବି; କିଛି ସହଭାଗୀତା ଚାହେଁ ।" ପରମେଶ୍ୱର ତାହାଙ୍କର ଲୋକମାନଙ୍କ ସହିତ ସହଭାଗିତା କରିବାକୁ ପସନ୍ଦ କରନ୍ତି । ମାତ୍ର ଯେପରିକି ସେ ଆମ ସହିତ ସହଭାଗୀ କରନ୍ତି ସେଇଠି ପାଇଁ ଆମେମାନେ ଯଥେଷ୍ଟ ସମୟ ଧରି ଛିଡା ହୋଇ ନ ଥାଉ । ଆମେମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାରେ, ଏବଂ ଅନ୍ୟାନ୍ୟ ବିଷୟଗୁଡିକରେ, ଏତେ ଅଧିକ ବ୍ୟସ୍ତ ରହିଥାଉ । "ଏଲିୟ, ସ୍ଥିର ହୋଇ ବସି ରୁହ ।" ସେ ସାଢ଼େ ତିନି ବର୍ଷର ସହଭାଗିତା ଚାହୁଁଥିଲେ । ଆମେମାନେ ତ ବଡ଼ କଷ୍ଟରେ, ତାଙ୍କୁ ତିନି ମିନିଟ୍ ସୁଦ୍ଧା ଦେଇପାରୁ ନାହିଁ । ସାଢ଼େ ତିନି ବର୍ଷର ନିରନ୍ତର ସହଭାଗିତା । ଓଃ, ମୁଁ ତାହା ଭଲ ପାଏ! କହିଲେ, "ରୋଷେଇ ବିଷୟରେ ଚିନ୍ତା କର ନାହିଁ; ଆମେ ତାହା ଆଗରୁ ସ୍ଥିର କରିସାରିଛୁ । କାଉମାନେ ତୁମକୁ ଭୋଜନ ଦେବାକୁ ଯାଉଛନ୍ତି । ଏବଂ ସବୁକିଛି ବିଷୟ ଠିକ୍ ହେବାକୁ ଯାଉଅଛି । ମୁଁ କେବଳ କିଛି ସହଭାଗୀତା ଚାହେଁ ।" ଏହି ବୃଦ୍ଧ ଭବିଷ୍ୟଦ୍‌ବକ୍ତା ଏଲିୟ, ପର୍ବତ ଶିଖର ଉପରେ ବସି ରହିଥିଲେ, ଯେତେବେଳେ ସେ ପରମେଶ୍ୱରଙ୍କ ସହିତ ସହଭାଗୀତା କରୁଥିଲେ, କାହିଁକି,

ସେହି ସେନାପତି କହିଲେ, "ମୁଁ ବିଶ୍ୱାସ କରେ ଯେ ମୁଁ ଯାଇ ତାଙ୍କୁ ଧରି ଆଣିବି।" ତେବେ, ଆପଣ କଦାପି ସେହି ସହଭାଗିତାକୁ ଭାଙ୍ଗିବାକୁ ଚେଷ୍ଟା କରନ୍ତୁ ନାହିଁ।

49 ଅତଏବ, ସେହି ସେନାପତି, ତାଙ୍କର ମହାନ ସୈନ୍ୟବାହିନୀର, ପଚାଶ ଜଣ ସହିତ ଉପରକୁ ଆସିଲେ। ଏବଂ ସେ କହିଲେ, "ଏଲିୟ, ମୁଁ—ମୁଁ—ମୁଁ ତୁମକୁ ନେବା ପାଇଁ ଆସିଅଛି।"

50 ଏବଂ ଏଲିୟ ଛିଡା ହୋଇ ପଡ଼ିଲେ। ଧ୍ୟାନ ଦିଅନ୍ତୁ, ଏଠାରେ ପ୍ରଭୁଙ୍କର ସେହି ଭବିଷ୍ୟଦ୍‌ବକ୍ତା ଅଛନ୍ତି! ସେ କହିଲେ, "ଯଦି ମୁଁ ପ୍ରଭୁଙ୍କର ଜଣେ ଦାସ ଅଟେ, ତେବେ ସ୍ୱର୍ଗରୁ ଅଗ୍ନି ଆସି ତୁମକୁ ଗ୍ରାସ କର।" ଆଉ ଅଗ୍ନି ତଳକୁ ଆସିଲା। ସେହି ସେନାପତି କହିଲେ…

51 "ଓଃ, କଅଣ ତୁମେ ଜାଣିଛ କି?" ସେହି ରାଜା, ବରଂ, ଏହା କହିଲେ, "ତାହା ବୋଧହୁଏ ଏକ—ଏକ ବଜ୍ରପାତ ଥିଲା, କେବଳ କିଛି ଗୋଟାଏ ବଜ୍ରପାତ ଅତିକ୍ରମ କରି ଗଲା, ଏବଂ ଏହା ସେମାନଙ୍କୁ ଆଘାତ କଲା। ମୁଁ ଆଉ ପଚାଶ ଜଣକୁ ପଠାଇବି।"

52 ଏଲିୟ ଛିଡା ହୋଇଥିଲେ, ଦୂତମାନଙ୍କ ମଧ୍ୟରୁ ଜଣେ, ତାଙ୍କର ବାକ୍ୟ ଅଟଳ ଅଟେ। ତାହାଙ୍କୁ ତ ପ୍ରତ୍ୟେକ ସେହି କାର୍ଯ୍ୟ ପାଇଁ ଏକ ଯଥାର୍ଥ ପ୍ରତିଶୋଧ ଦେବାକୁ ଅଛି ଯାହାକି ଭୁଲ୍ ଥିଲା। ସେ କହିଲେ, "ଯଦି ମୁଁ ପ୍ରଭୁଙ୍କର ଜଣେ ଦାସ ଅଟେ, ତେବେ ଅଗ୍ନି ଆସୁ।" ଏବଂ ଦ୍ୱିତୀୟ ପଚାଶ ଜଣ ପୋଡି ହୋଇଗଲେ। ଠିକ୍ ଅଛି। ପ୍ରତ୍ୟେକ ପ୍ରତିଶୋଧ!

*କାରଣ ଦୂତମାନଙ୍କ ଦ୍ୱାରା କଥିତ ବାକ୍ୟ ଯଦି ଅଟଳ ହୋଇ ରହିଲା, ଆଉ ପ୍ରତ୍ୟେକ ଆଜ୍ଞାଲଂଘନ ଓ ଅବାଧ୍ୟତା ଯଥାର୍ଥ ପ୍ରତିଶୋଧ ପାଇଲା…*

53 ତେବେ, ଏଠାରେ ସେହି ମହାନ ବିଷୟ ଅଛି, ପରବର୍ତ୍ତୀ ପଦଟି।

*ଆମ୍ଭେମାନେ କିପରି ରକ୍ଷା ପାଇବା,…*

54 "ଆମ୍ଭେମାନେ କିପରି ରକ୍ଷା ପାଇବା?" ଯଦି ଏଲିୟଙ୍କ ବାଣୀ ବିନାଶ ନେଇ ଆସିଥିଲା, କାରଣ ସେ ପ୍ରଭୁଙ୍କର ଜଣେ ଦୂତ ଥିଲେ, ତାହାହେଲେ ଆମ୍ଭେମାନେ କିପରି ରକ୍ଷା ପାଇବା ଯେତେବେଳେ ଖ୍ରୀଷ୍ଟଙ୍କ ସ୍ୱର କଥା କହୁଅଛି? କିମ୍ବା, ଯେତେବେଳେ ଆପଣଙ୍କ ପାଇଁ ପ୍ରାର୍ଥନା କରାଯାଇଅଛି ତେବେ ଆମେମାନେ କିପରି ବିଫଳ ହୋଇପାରୁ, ଯଦି ଏହା ଖ୍ରୀଷ୍ଟଙ୍କ ବାଣୀ ଅଟେ? ଯଦି ଖ୍ରୀଷ୍ଟ ତାହାଙ୍କର ମଣ୍ଡଳୀକୁ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ହେତୁ ନିଯୁକ୍ତ କରିଅଛନ୍ତି, ଏବଂ ମଣ୍ଡଳୀ ଠିକ ତାହାହିଁ କରେ ଯାହା ସେ ସେମାନଙ୍କୁ… କରିବା ପାଇଁ କହିଛନ୍ତି, ତେବେ ଏହା କିପରି ବିଫଳ ହୋଇପାରେ? ଏହା ହୋଇପାରେ ନାହିଁ। ଆପଣ ବିଫଳ ହୋଇପାରନ୍ତି, ମାତ୍ର ଏହା ବିଫଳ ହୋଇପାରେ ନାହିଁ। ଏବଂ ଯେପର୍ଯ୍ୟନ୍ତ ଆପଣ ଏହାର ଆଜ୍ଞାପାଳନ କରନ୍ତି, ଏହା ଆପଣଙ୍କୁ କଢାଇ ନେଇଯିବ।

55 ଯଦି ଆପଣ ବିଫଳ ହୁଅନ୍ତି, ତେବେ ତାହା ଆପଣ ନିଜ ଯୋଗୁଁ ବିଫଳ ହୋଇଥାଆନ୍ତି। ଆପଣ ଠିକ ବାକ୍ୟଠାରୁ ଦୂରେଇ ଚାଲିଯାଆନ୍ତି। ମାତ୍ର ଯେପର୍ଯ୍ୟନ୍ତ ଆପଣ ବାକ୍ୟ ସହିତ

ରୁହନ୍ତି, ଏହା ବିଫଳ ହୋଇପାରେ ନାହିଁ । କାରଣ ଭବିଷ୍ୟଦ୍‌ବକ୍ତାଙ୍କ ବାକ୍ୟ *ଅମୁକ-ଓ-ଅମୁକ* କରିଥଲା, ତାହାହେଲେ ଖ୍ରୀଷ୍ଟଙ୍କ ବାକ୍ୟ କେତେ ଅଧିକ କରିବ?

> *ତେବେ ଏପରି ମହାପରିତ୍ରାଣ ଅବହେଳା କଲେ, ଆମ୍ଭେମାନେ କିପରି ରକ୍ଷା ପାଇବା; ତାହା ତ ପ୍ରଥମରେ ପ୍ରଭୁଙ୍କ ଦ୍ୱାରା କଥିତ ହୋଇ, ଶ୍ରବଣ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଆମ୍ଭମାନଙ୍କ ନିକଟରେ ପ୍ରମାଣସିଦ୍ଧ ହେଲା;*

56 ଏହା ବିଷୟରେ ଚିନ୍ତା କରନ୍ତୁ, ପ୍ରଭୁଙ୍କ ଦ୍ୱାରା କଥିତ । ଆମେମାନେ କେତେ ଥର ଫେରି ଯାଇପାରିବା? ଆମେମାନେ କେଉଁଠାରେ ଅଟକି ଯାଇପାରିବା, ଠିକ ଏଠାରେ ଗୋଟିଏ ଘଣ୍ଟା ପାଇଁ? ଯେତେବେଳେ ଯୀଶୁ ଆସିଥିଲେ, ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି ।

57 ତେବେ, ମନେରଖନ୍ତୁ, ପ୍ରଥମେ ନିଜେ, ଯୀଶୁଙ୍କ ଦ୍ୱାରା କୁହାଯିବା ଆରମ୍ଭ ହେଲା, ଏବଂ ତାହାପରେ ଶୁଣିଥିବା ଲୋକମାନଙ୍କ ଦ୍ୱାରା ପ୍ରମାଣସିଦ୍ଧ କରାଗଲା । ତେବେ ତାହାଙ୍କ କଥା ଶୁଣନ୍ତୁ ।

58 ଯେତେବେଳେ ସେ ପୃଥିବୀକୁ ଆସିଥିଲେ, ସେ ଜଣେ ଆରୋଗ୍ୟକାରୀ ବୋଲି ଦାବି କରି ନ ଥିଲେ । ସେ କହିଥିଲେ, "ଏହା ମୁଁ ନୁହେଁ ଯିଏକି କାର୍ଯ୍ୟ କରୁଥାଏ; ଏହା ତ ମୋର ପିତା ଅଟନ୍ତି ଯିଏ ମୋ ଠାରେ ବାସ କରନ୍ତି । ସେ କାର୍ଯ୍ୟ କରନ୍ତି । ପୁତ୍ର ନିଜ ଠାରୁ କିଛି କରିପାରନ୍ତି ନାହିଁ, ମାତ୍ର ପିତାଙ୍କୁ ଯାହା ସେ କରୁଥିବାର ଦେଖନ୍ତି," ସାଧୁ ଯୋହନ 5:19 ।

59 ଧ୍ୟାନ ଦିଅନ୍ତୁ ଯେତେବେଳେ ଫିଲିପ୍ପ ତାହାଙ୍କ ନିକଟକୁ ଆସିଥିଲେ । ନିଥନିୟେଲ... ଫିଲିପ୍ପଙ୍କ ପରିବର୍ତ୍ତନ ପରେ, ସେ ଯାଇ ନିଥନିୟେଲଙ୍କର ଦେଖା ପାଇଲେ । କହିଲେ, "ଆସି, ଦେଖ ଆମେ କାହାର ଦେଖା ପାଇଛୁ: ଯୋଷେଫଙ୍କ ପୁତ୍ର, ନାଜରିତୀୟ ଯୀଶୁ ।"

60 ଏବଂ ସେ କହିଲେ, "ନାଜରିତରୁ କି କୌଣସି ଉତ୍ତମ ବିଷୟ ଆସିପାରେ?"

61 କହିଲେ, "ଆସି, ଦେଖ ।" ଏହା ସୁନିଶ୍ଚିତ ହେବାର ଉପାୟ ଅଟେ: ଏହାକୁ ପ୍ରମାଣ କରାଯାଉ । ଆସ ଏବଂ ଦେଖ । ଓଃ, ଏହାହିଁ ସର୍ବୋତ୍ତମ ଅଟେ ଯାହାକି ମୁଁ କେବେ ଶୁଣିଅଛି । ଆସ ଏବଂ ନିଜେ ଖୋଜି ଦେଖ । ପାର୍ଶ୍ୱ ରେଖାରେ ଛିଡା ହୋଇ ସମାଲୋଚନା କର ନାହିଁ, ବରଂ, "ସମସ୍ତ ବିଷୟଗୁଡିକୁ ପ୍ରମାଣ କର, ଏବଂ ଯାହା ଉତ୍ତମ ତାହା ଧରି ରଖ ।" ଆସ ଏବଂ ଦେଖ ।

62 ରାସ୍ତାରେ ଗଲାବେଳେ, ସେମାନେ କଥାବାର୍ତ୍ତା ହୋଇ ଯାଉଥିଲେ । ଯେତେବେଳେ ସେ ପ୍ରଭୁ ଯୀଶୁଙ୍କ ଉପସ୍ଥିତିକୁ ଚାଲିକରି ଗଲେ, ଯୀଶୁ କହିଲେ, "ହେଇ ଦେଖ ଜଣେ ଇସ୍ରାଏଲୀୟ, ଯାହାଠାରେ କୌଣସି କପଟତା ନାହିଁ ।"

63 ଏହା ତାଙ୍କଠାରୁ ସମସ୍ତ ଚର୍ମକୁ, ପ୍ରାୟଃ କାଢି ନେଇଥିଲା । ସେ ଚାରିଆଡେ ଅନାଇଲେ, ଓ କହିଲେ, "ତେବେ, ରାବ୍ବୀ, ଆପଣ ମୋତେ କେବେ ଜାଣିଲେ? ଆପଣ ମୋତେ କେବେବି

ଦେଖି ନାହାଁନ୍ତି । ଆପଣ ମୋତେ କିପରି ଜାଣିଲେ?" ଫିଲିପ୍ପ କହିଲେ...

64 "ଏହା ପୂର୍ବେକି, ଯେତେବେଳେ ସେ ଡାକିଲେ..." କହିଲେ, "ଏହା ପୂର୍ବେକି ଫିଲିପ୍ପ ତୁମକୁ ଗତକାଲି, ଡାକିଲେ, ଯେତେବେଳେ ତୁମେ ଡିମ୍ବିରି ଗଛ ତଳେ ଥିଲ, ମୁଁ ତୁମକୁ ଦେଖିଥିଲି ।" ଆମେନ୍ ।

65 ସେ କହିଲେ, "ଆପଣ ପରମେଶ୍ୱରଙ୍କ ପୁତ୍ର । ଆପଣ ଇସ୍ରାଏଲର ରାଜା ।"

66 ଜଣେ ନାରୀ ତାହାଙ୍କ ଉପସ୍ଥିତିକୁ ଚାଲିକରି ଗଲେ, ଏବଂ ଯୀଶୁ କହିଲେ, "ଯାଅ, ତୁମ ସ୍ୱାମୀକୁ ଘେନି ଆସ ।"

ସେ ଉତ୍ତର ଦେଲା, "ମୋର କୌଣସି ନାହିଁ ।"

67 କହିଲେ, "ତାହା ଠିକ୍ । ତୁମର ପାଞ୍ଚଟି ଥିଲେ, ଏବଂ ବର୍ତ୍ତମାନ ତୁମେ ଯାହା ସହିତ ରହୁଅଛ ସେ ମଧ୍ୟ ତୁମର ନୁହେଁ । ତୁମେ ସତ କହିଛ ।" ଏହା ବିଷୟରେ ଚିନ୍ତା କରନ୍ତୁ ।

68 ସେ କହିଲା, "ମହାଶୟ, ମୁଁ ଅନୁଭବ କରେ ଯେ ଆପଣ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି । ଯାହାକି, ଆମେମାନେ ଜାଣୁ ଯେ ଯେତେବେଳେ ମଶୀହ ଆସିବେ ସେ ଆମକୁ ସମସ୍ତ କଥା କହିବେ ।"

69 ସେ କହିଲେ, "ମୁଁ ସେହି, ଯିଏକି ତୁମ ସହିତ କଥା ହେଉଅଛି ।"

70 ସେ ଦୌଡ଼ିଯାଇ ନଗରର ଲୋକମାନଙ୍କୁ କହିଲା, "ଆସ, ଓ ଦେଖ ଜଣେ ବ୍ୟକ୍ତିଙ୍କୁ, ଯିଏକି ମୋତେ ତାହା ସବୁ କହିଲେ ଯାହା ମୁଁ କରିଅଛି । କଅଣ ଏହା ଖ୍ରୀଷ୍ଟ ନୁହଁନ୍ତି କି?" ଏହା ପ୍ରଭୁଙ୍କ ଦ୍ୱାରା କୁହାଯାଇଥିଲା ।

71 କଅଣ ଘଟିଥିଲା? ଯୀଶୁ ଯିବା ପୂର୍ବରୁ, କହିଥିଲେ, "ମୁଁ ଯେଉଁ ବିଷୟଗୁଡିକ କରୁଅଛି, ତୁମେମାନେ ମଧ୍ୟ କରିବ ।" କଅଣ ତାହା ଠିକ୍ କି? "ମୁଁ ଯେଉଁସବୁ ବିଷୟ ସାଧନ କରୁଅଛି ତୁମେମାନେ ମଧ୍ୟ ତାହା କରିବ, ଏପରିକି ଏହାଠାରୁ ଅଧିକ କରିବ, କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି ।" ଓଃ, ମୁଁ ସେମାନଙ୍କୁ ଦେଖିପାରେ ଯେତେବେଳେ ସେମାନେ, ସମସ୍ତ ସ୍ଥାନକୁ ବାହାରି ଗଲେ । ମାର୍କ 16, "ସବୁଆଡେ ଯାଇ, ପ୍ରଚାର କଲେ; ପ୍ରଭୁ ସେମାନଙ୍କ ସହିତ କାର୍ଯ୍ୟ କରି, ବାକ୍ୟକୁ ପ୍ରମାଣସିଦ୍ଧ କରୁଥିଲେ ।"

ଏବଂ ଏଠାରେ, ପାଉଲ, ସେହି ସମାନ ବିଷୟକୁ ପ୍ରଦାନ କରୁଛନ୍ତି । ସେ କହିଥିଲେ ଯେ ସେହି—ସେହି ସୁସମାଚାର ଯୀଶୁଙ୍କ ଦ୍ୱାରା ପ୍ରଚାର ହେବା ଆରମ୍ଭ ହୋଇଥିଲା, ଏବଂ ଯେଉଁମାନେ ଏହାକୁ ଶୁଣିଥିଲେ ସେମାନଙ୍କ ଦ୍ୱାରା ଆମଠାରେ ପ୍ରମାଣସିଦ୍ଧ ହୋଇଥିଲା । ତାହାହିଁ ହେଉଛି ଭିତ୍ତିମୂଳ ପଥର । ଓଃ, ପ୍ରଭୁଙ୍କର ନାମ ଧନ୍ୟ ହେଉ! ତାହାହିଁ ହେଉଛି ଭିତ୍ତିମୂଳ ପଥର ।

72 ଏବଂ ଏହା ଭାବିବା, ଯେ ଦୁଇ ହଜାର ବର୍ଷ ବିତି ଯାଇଅଛି । ନାସ୍ତିକମାନେ ଉଠିଛନ୍ତି, ଏବଂ ଅବିଶ୍ୱାସୀମାନେ, ଏବଂ ଅନ୍ଧବିଶ୍ୱାସୀମାନେ, ଏବଂ ଅଜ୍ଞବାଦୀମାନେ । ମାତ୍ର, ଆଜି,

ସେହି ସମାନ ଯୀଶୁ ଠିକ ସେହି ସମାନ ଭାବରେ ସେମାନଙ୍କ ଦ୍ୱାରା ତାହାଙ୍କର ବାକ୍ୟକୁ ପ୍ରମାଣସିଦ୍ଧ କରନ୍ତି ଯେଉଁମାନେ ତାହାଙ୍କର କଥା ଶୁଣନ୍ତି । "ତାହାଙ୍କ କଥା ଶୁଣ," ଏହାର ଅର୍ଥ କେବଳ ଏକ ଉପଦେଶ ଶୁଣିବା ନୁହେଁ । ଏହାର ଅର୍ଥ, *ତାହାଙ୍କ* କଥା ଶୁଣିବା । ହଁ ।

73 ଆମେମାନେ କିପରି ରକ୍ଷା ପାଇବା? ଆମର ପଳାୟନ କେଉଁଠାରେ ଅଟେ? ଓଃ, ଆପଣ କୁହନ୍ତି, "ପରମେଶ୍ୱର ଧନ୍ୟ ହେଉନ୍ତୁ, ମୁଁ ମେଥୋଡିଷ୍ଟ ମଣ୍ଡଳୀ ସହିତ ସମ୍ପୃକ୍ତ ଅଟେ । ମୁଁ ଜଣେ ପ୍ରେସ୍‌ବିଟେରିଆନ୍ ଅଟେ । ମୁଁ ଜଣେ ପେଣ୍ଟିକଷ୍ଟାଲ୍ ଅଟେ ।" ତାହାର ଏହା ସହିତ କୌଣସି ସମ୍ପର୍କ ନାହିଁ । ଏବଂ ଆପଣ ଏକ ପାର୍ଶ୍ୱ-ଧାଡ଼ିରେ ଛିଡା ହୋଇ ଏହାକୁ "ଆଧ୍ୟାତ୍ମିକତା, କିମ୍ବା କିଛି ମାନସିକ ଟେଲିପ୍ୟାଥୀ, କିମ୍ବା କୌଣସି ଶୟତାନ," କିମ୍ବା ସେହିପରି କିଛି କହିବାକୁ ଚାହାଁନ୍ତି । ସେମାନଙ୍କୁ ଲଜ୍ଜା ଲାଗିବା କଥା!

74 "ଯଦି ପ୍ରତ୍ୟେକ ବାକ୍ୟ ଦୂତମାନଙ୍କ ଦ୍ୱାରା ଅଟଳ ରହିଥିଲା…" ଯୀଶୁ କହିଲେ, "ଏହା ନୁହେଁ…ଅଳ୍ପ ସମୟ, ଏବଂ ଜଗତ ମୋତେ ଆଉ ଦେଖିବ ନାହିଁ । ତଥାପି, ତୁମେମାନେ ମୋତେ ଦେଖିବ, କାରଣ ମୁଁ ତୁମ ସହିତରେ ରହିବି, ଏପରିକି ଯୁଗାନ୍ତ ଯାଏଁ ରହିବି ।" ଏବଂ ଯେତେବେଳେ ଆମେ ତାହାଙ୍କୁ, ତାଙ୍କର ବାକ୍ୟକୁ ପ୍ରମାଣସିଦ୍ଧ କରିବା ପାଇଁ ତଳକୁ ଓହ୍ଲାଇ ଆସୁଥିବାର ଦେଖୁ, ତାହାହେଲେ ଆମେମାନେ କିପରି ରକ୍ଷା ପାଇବା ଯଦି ଆମେମାନେ କୌଣସି ମଣ୍ଡଳୀରେ, କିମ୍ବା କୌଣସି ସଂଗଠନରେ, କିମ୍ବା ନାମଧାରୀ ସଂସ୍ଥାରେ, କିମ୍ବା ଆମର ନିଜର କୌଣସି ମନଗଢା ସିଦ୍ଧାନ୍ତ ପ୍ରତି ଆଶ୍ରୟ ନେବା? ଉତ୍ତମ ହେବ ଯେ ଆପଣ ହୁଗୁଳା ହୋଇଯାଆନ୍ତୁ । "କାରଣ ଯଦି ପ୍ରତ୍ୟେକ ପାପ ଦୂତମାନଙ୍କ ଅଧୀନରେ ଯଥାର୍ଥ ପ୍ରତିଶୋଧ ପାଇଥିଲା, ତାହାହେଲେ ତାହା କେତେ ଅଧିକ ହେବ ଯେତେବେଳେ ପରମେଶ୍ୱରଙ୍କ ପୁତ୍ର ଆପଣା ବାକ୍ୟକୁ ପ୍ରକଟିତ କରିବା ପାଇଁ, ସ୍ୱର୍ଗରୁ କଥା କହୁଅଛନ୍ତି! ତେବେ ଆମେମାନେ କିପରି ରକ୍ଷା ପାଇବା, ଯଦି ଆମେମାନେ ଏପରି ମହାପରିତ୍ରାଣକୁ ଅବହେଳା କରିବା?" ଓଃ, ମୋର ପ୍ରଭୁ! "ପରମେଶ୍ୱର ମଧ୍ୟ…"

4ର୍ଥ ପଦ:

*ପରମେଶ୍ୱର ମଧ୍ୟ ସେସମ୍ବନ୍ଧରେ ସାକ୍ଷ୍ୟ ଦେଇଅଛନ୍ତି,…*

75 ଏହାକୁ ଦେଖନ୍ତୁ । ପ୍ରଭୁ ସାକ୍ଷ୍ୟ ଦେଇଥିଲେ । ଓଃ, ମୁଁ ସେଥିପାଇଁ ବହୁତ ଖୁସି ଅଟେ! ପ୍ରଭୁ ସାକ୍ଷ୍ୟ ଦେଇଥିଲେ ।

76 ଦେଖନ୍ତୁ । ଯେତେବେଳେ ଏଲିୟ ପାହାଡ ଉପରେ ବସିଥିଲେ, ଏବଂ ସେ କହିଥିଲେ, "ଯଦି ମୁଁ ପରମେଶ୍ୱରଙ୍କ ଲୋକ, ତେବେ ସ୍ୱର୍ଗରୁ ଅଗ୍ନି ପଡୁ ଓ ତୁମକୁ ଗ୍ରାସ କରୁ ।" ପରମେଶ୍ୱର ସାକ୍ଷ୍ୟ ଦେଇଥିଲେ ଯେ ସେ ପରମେଶ୍ୱରଙ୍କ ଜଣେ *ଲୋକ* ଥିଲେ ।

ପରମେଶ୍ୱର ସର୍ବଦା ସାକ୍ଷ୍ୟ ଦେଇଥାଆନ୍ତି । ଆପଣଙ୍କର ଜୀବନ ସାକ୍ଷ୍ୟ ଦେବ । ମୁଁ ଜାଣେ ନାହିଁ ଯେ ଆପଣଙ୍କର ସାକ୍ଷ୍ୟ କଅଣ, ମାତ୍ର ଆପଣଙ୍କର ଜୀବନ ଏତେ ଉଚ୍ଚ ପାଟି କରେ, ଯେ ଆପଣଙ୍କର ସ୍ୱର ଶୁଣା ଯାଇପାରେ ନାହିଁ । ମାତ୍ର, ଆପଣଙ୍କର—ଆପଣଙ୍କର

ଜୀବନ ଯାପନ, ଆପଣଙ୍କର ଦୈନ-ନ୍ଦିନ ଜୀବନ ସାକ୍ଷ୍ୟ ଦେବ ଯେ ଆପଣ କଅଣ ଅଟନ୍ତି। ପରମେଶ୍ୱର ସାକ୍ଷ୍ୟ ଦେଇଥାଆନ୍ତି। ହଁ। ପବିତ୍ରଆତ୍ମା ଏକ ମୁଦ୍ରାଙ୍କ ଅଟନ୍ତି, ଏବଂ ଏକ ମୁଦ୍ରା କାଗଜର ଉଭୟ ପାର୍ଶ୍ୱକୁ ନେଇଥାଏ। ସେମାନେ ଆପଣଙ୍କୁ *ଏଠାରେ* ଛିଡା ହୋଇଥିବାର ଦେଖନ୍ତି ଏବଂ ଆପଣ ଯେତେବେଳେ ଚାଲିଯାଆନ୍ତି ସେତେବେଳେ ମଧ୍ୟ ଆପଣଙ୍କୁ ଦେଖନ୍ତି। କେବଳ ମଣ୍ଡଳୀରେ ନୁହେଁ ବରଂ ପ୍ରତ୍ୟେକ-ଦିନର କାର୍ଯ୍ୟରେ ଦେଖନ୍ତି। ଆପଣ ଉଭୟ ପାର୍ଶ୍ୱରେ, ଭିତର ଓ ବାହାରେ ମୁଦ୍ରାଙ୍କିତ ହୋଇଥାଆନ୍ତି। ଆପଣଙ୍କଠାରେ ଥିବା ସେହି ଆନନ୍ଦ ଦ୍ୱାରା, ଏବଂ ଆପଣ ଅତିବାହିତ କରୁଥିବା ସେହି ଜୀବନ ଦ୍ୱାରା, ଆପଣ ଭିତରେ ଏବଂ ବାହାରେ, ମୁଦ୍ରାଙ୍କିତ ହୋଇଥାଆନ୍ତି, ଯେ ଆପଣ ଜାଣନ୍ତି ଯେ ଆପଣ ରକ୍ଷା ପାଇଅଛନ୍ତି ଏବଂ ଜଗତ ଜାଣେ ଯେ ଆପଣ ରକ୍ଷାପ୍ରାପ୍ତ ଅଟନ୍ତି, ଆପଣ ଯେଉଁ ଜୀବନଯାପନ କରନ୍ତି ତାହା ଦ୍ୱାରା, କାରଣ ପରମେଶ୍ୱର ସାକ୍ଷ୍ୟ ଦେଇଥାଆନ୍ତି। ତାହାଙ୍କର ପବିତ୍ର ନାମର ଧନ୍ୟ ହେଉ! ମୋର ପ୍ରଭୁ, ମୁଁ ଧାର୍ମିକ ଅନୁଭବ କରୁଅଛି!

77 ଭାଇମାନେ, ସେଠାରେ, ଏହା ବିଷୟରେ ଚିନ୍ତା କରନ୍ତୁ। ଓଃ! “ମୋର ମେଷ ମୋର ସ୍ୱର ଶୁଣନ୍ତି, ଏବଂ ସେମାନେ ଜଣେ ଅଜଣା ଲୋକ ପଛରେ ଯିବେ ନାହିଁ।” ଓଃ, ଆମର ନାମଗୁଡିକ କିପରି ତାହାଙ୍କ ହାତ ପାପୁଲିରେ ରହିଅଛି! ଏହା ଦିନରାତି, ତାହାଙ୍କ ସମ୍ମୁଖରେ ଅଛି। ତାହାଙ୍କ ବାକ୍ୟ ସର୍ବଦା ତାହାଙ୍କ ସମ୍ମୁଖରେ ଅଛି, ତାଙ୍କର ପ୍ରତିଜ୍ଞା। ସେ ଏହାକୁ ଭୁଲିପାରନ୍ତି ନାହିଁ। ଏବଂ ସେ ଆପଣଙ୍କୁ ପ୍ରେମ କରନ୍ତି।

78 ତେବେ, ସେ ଆପଣା ନିଜ ଲୋକମାନଙ୍କର ସାକ୍ଷ୍ୟ ଦେବେ। ଆପଣ ନିଜର ପାଟି ଖୋଲି ଗୋଟିଏ ହେଲେ ଶବ୍ଦ କୁହନ୍ତି ନାହିଁ, ଜଗତ ଜାଣିଯିବ ଯେ ଆପଣଙ୍କ ସହିତ କିଛି ଗୋଟାଏ ବିଷୟ ଘଟିଅଛି।

> *...ନିଜ ଇଚ୍ଛାନୁସାରେ, ନାନା ଚିହ୍ନ ଓ ଅଦ୍ଭୁତ କର୍ମ, ପୁଣି ବିବିଧ ଶକ୍ତିର କାର୍ଯ୍ୟ, ଓ ପବିତ୍ରଆତ୍ମା ଅନ୍ୟାନ୍ୟ ଦାନ ଦ୍ୱାରା, ସାକ୍ଷ୍ୟ ଦେଇଅଛନ୍ତି?*

79 ତେବେ ଆସନ୍ତୁ ସମାପ୍ତ କରିବା ପୂର୍ବରୁ ବର୍ତ୍ତମାନ କେବଳ ଗୋଟିଏ ଶାସ୍ତ୍ରାଂଶ ନେବା; ପେଣ୍ଟିକଷ୍ଟ ଦିନରେ, ଯେତେବେଳେ ସେମାନେ ପବିତ୍ରଆତ୍ମା ଗ୍ରହଣ କରିଥିଲେ। ପ୍ରାୟଃ ଚାରି ଦିନ ପରେ, ପିତର ସୁନ୍ଦର ନାମକ ଫାଟକ ଦେଇ ଯାଉଥିଲେ, ସେ ଏବଂ ଯୋହନ। ସେମାନେ ଜଣେ ବ୍ୟକ୍ତିଙ୍କୁ, କହିଲେ, “ଆମ୍ଭମାନଙ୍କ ଆଡକୁ ଚାହଁ।” ଏବଂ ପିତର କହିଲେ, “ରୂପା ଏବଂ ସୁନା ମୋ ପାଖରେ ନାହିଁ, ମାତ୍ର ଯାହା ମୋ ପାଖରେ ଅଛି ତାହା ମୁଁ ତୁମକୁ ଦେବି। ନାଜରିତୀୟ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଉଠ ଏବଂ ଚାଲ।” ଏବଂ ସେହି ବ୍ୟକ୍ତି ଜଣକ ଉପରକୁ ଚାହିଁଲେ ଏବଂ ଏହା ବିଷୟରେ କଦାପି କୌଣସି ପ୍ରଶ୍ନ କଲେ ନାହିଁ। ସେ କେବଳ ଛିଡା ହେଲେ ଏବଂ ଚାଲିବାକୁ ଲାଗିଲେ। ସେମାନେ ଅଜ୍ଞ ଏବଂ ଅଶିକ୍ଷିତ ଲୋକମାନେ ଥିଲେ। ମାତ୍ର ବାଇବଲ କୁହେ, “ସେମାନଙ୍କୁ ସେହି ଲୋକମାନଙ୍କ ପ୍ରତି ଧ୍ୟାନ ଦେବାକୁ ପଡିଥିଲା, କାରଣ ସେମାନେ ଜାଣିଥିଲେ ଯେ ସେମାନେ ଯୀଶୁଙ୍କ ସହିତ ରହିଥିଲେ।”

80 ଭାଇ, ଯେତେବେଳେ ସେହି ଜଗତ ଜାଣେ ଯେ ଆପଣ ଯୀଶୁଙ୍କ ସହିତ ରହିଅଛନ୍ତି, ଯେତେବେଳେକି ଆପଣ ଏହି ସାଂପ୍ରତିକ ଦୁନିଆରେ ଏବଂ ଏହି ଅନ୍ଧକାରରେ ଏପରି ଏକ ଅମିଶ୍ରିତ ଜୀବନ ଯାପନ କରିପାରନ୍ତି, ଯାହାକି ଜଗତ ଜାଣେ ଏବଂ ଦେଖିପାରେ ଯେ ଆପଣ ଯୀଶୁଙ୍କ ସହିତ ରହିଅଛନ୍ତି, ଯେତେବେଳେକି ରାସ୍ତାରେ ଯାଉଥିବା ଏକ ରୁକ୍ଷ, ପୁରୁଣା ଅଶ୍ଳୀଳ ବେଶ୍ୟା, ମେଷଶାବକଙ୍କ ରକ୍ତରେ ଧୋଇ ହୋଇ ଜଣେ ମହିଳା ହୋଇପାରେ, ପରମେଶ୍ୱର ସାକ୍ଷ୍ୟ ଦେଉଥାଆନ୍ତି ଯେ ସେ ଜୀବିତ ଅଟନ୍ତି।

81 ଜଣେ ମଦ୍ୟପକୁ ନିଅନ୍ତୁ, ଯିଏକି ଏତେ ନିମ୍ନସ୍ତର ଅଟେ ଯେ ସେ ନିଜ ପତ୍ନୀ ଉପରେ ଅତ୍ୟାଚାର କରିବ, ଯେ ସେ ତାର ପିଲାମାନଙ୍କ ସହିତ ଅସଦାଚରଣ କରିବ, ଏବଂ ବେଶ୍ୟା ଉପରେ ଖର୍ଚ୍ଚ କରିବା ପାଇଁ, ମେଜରୁ ଭୋଜନ ନେଇଯିବ। ତାକୁ ଥରେ ଯୀଶୁଙ୍କ ସହିତ ରହିବାକୁ ଦିଅନ୍ତୁ, ଆପଣ ତାକୁ ଫେରି ଆସୁଥିବାର ଦେଖିବେ, ଯେପରି ବାହିନୀ ଥିଲା, ଯିଏକି ନିଜର ସଠିକ୍ ମନରେ ରହିଥିଲା ଏବଂ ପୋଷାକ ପିନ୍ଧିଥିଲା, ନିଜର ଶିଶୁ, ଏବଂ ସ୍ତ୍ରୀ ଏବଂ ପ୍ରିୟଜନଙ୍କ ପ୍ରତି ଉତ୍ତମ ରହିଥିଲା। ନିଶ୍ଚିତ ଭାବରେ।

82 କିଛି ସମୟ ପୂର୍ବରୁ, ପ୍ରାୟଃ ଚାଳିଶ ବର୍ଷ ପୂର୍ବେ, ଯେତେବେଳେ ବିଶ୍ୱର ସମସ୍ତ ଧର୍ମ ମିଳିତ ଏକତ୍ରିତ ହୋଇଥିଲେ, ଏବଂ ବିଭିନ୍ନ ଲୋକ ଉଠି କଥା କହିଥିଲେ। ଏବଂ ମୁସଲମାନ ଉଠି ମହମ୍ମଦ ଧର୍ମ ପାଇଁ କହିଥିଲେ। ଜୈନମାନେ ଜୈନ ଧର୍ମ ପାଇଁ କଥା କହିଥିଲେ; ବୌଦ୍ଧମାନେ ବୌଦ୍ଧ ଧର୍ମ ପାଇଁ କଥା କହିଥିଲେ। ଏବଂ ଯେତେବେଳେ ସେହି ସାନ ଡାକ୍ତର, ମୁଁ ଠିକ୍ ଏହି ସମୟରେ, ଭୁଲିଯାଉଛି ଯେ ତାଙ୍କର ଶେଷ ନାମଟି କଅଣ ଥିଲା, ମୁଁ ତାଙ୍କ ନାମ ଜାଣିଛି, ମାତ୍ର ମୁଁ ଏହାକୁ ଭୁଲି ଯାଇଅଛି, ସେ ଖ୍ରୀଷ୍ଟିଆନ ଧର୍ମର ପ୍ରତିନିଧିତ୍ୱ କରି କଥା କହିଥିଲେ, ଏବଂ ସେ ଆମେରିକାର, ଓକ୍ଲାହୋମାର ଲେଡି ମ୍ୟାକେବୀଙ୍କ କାହାଣୀ କହିଥିଲେ।

ସେହି ମହିଳାଜଣକ ଏତେ ଅଧିକ କ୍ରୋଧୀ ଏବଂ ଏତେ ନିମ୍ନ-ସ୍ତରର ଥିଲେ, ଯେ ଏପରିକି ଯେତେବେଳେ ସେମାନେ ତାଙ୍କୁ ମାରିବାକୁ ଯାଇଥିଲେ, ସେମାନେ ତାଙ୍କ ଉପରେ ନିଜ ହାତକୁ ସୁଦ୍ଧା ରଖି ନ ଥିଲେ, ସେ ଏତେ ଅଶ୍ଳୀଳ ଏବଂ ମନ୍ଦ ଥିଲେ। ସେମାନେ ତାଙ୍କୁ ଏକ ଅଭିଯୋଗରେ ଗିରଫ କରିଥିଲେ: ସିଗାରେଟ୍ ଟାଣିବା ପାଇଁ; ଏକ ଷ୍ଟେଜକୋଚ୍ ଘୋଡାଗାଡି ଚଲାଇବା ପାଇଁ; ଏବଂ ଓକ୍ଲାହୋମାରେ ସେହି—ସେହି—ସେହି ଆଇନ୍‌ଗୁଡିକୁ, ଅବାଞ୍ଛା କରିବାର ରେକର୍ଡ ଭାଙ୍ଗି ଦେଇଥିଲେ ଯେତେବେଳେ ସେ ସେହି ରାସ୍ତା ଦେଇ, ଚାରିଟି ଘୋଡା ଚଲାଇ ଯାଇଥିଲେ। ଏବଂ ସେ ଏତେ ଖରାପ ଓ ଏତେ ମନ୍ଦ ଥିଲେ ଯେ ଏପରିକି ସେ ଯେଉଁ ସ୍ଥାନରେ ରହୁଥିଲେ ତାର ଆଖପାଖରେ ଜନସମାଜ ମଧ୍ୟ ଯାଉ ନ ଥିଲା; ଏତେ ଅଧିକ ଥିଲା, ଯେ ଏପରିକି ସେହି ଦଣ୍ଡାଦେଶ ନିର୍ବାହୀମାନେ ତାଙ୍କୁ ବଧ କରିବାକୁ ଯାଉଥିଲେ, ସେମାନେ ତାଙ୍କୁ ଫାଶୀ ମଧ୍ୟ ଦେଇ ନ ଥିଲେ। ସେମାନେ କେବଳ ତାଙ୍କୁ ବଧ କରିବାକୁ ଯାଇ, ତାଙ୍କ ଉପରେ ରାଳ ଏବଂ ପର ଢାଳି ଦେଇଥିଲେ।

ଏବଂ ଯେତେବେଳେ ଏହି ଛୋଟ ପ୍ରଚାରକ ଜଣ ସେହି ସ୍ତ୍ରୀର କାହାଣୀକୁ, ଏହି ପରି

ଭାବରେ ପ୍ରଦାନ କରିଥିଲେ, ଏପରିକି ସେ ସେହି ଲୋକମାନଙ୍କୁ ସେମାନଙ୍କର ଆସନର ଅଗରେ ବସିଥାଇ, ଏହା ଶୁଣିବା ହେତୁ ପ୍ରସ୍ତୁତ କରି ସାରିଥିଲେ ଯେ ପରବର୍ତ୍ତୀ ବିଷୟ କଅଣ ହେବ । ଯେତେବେଳେ ସେ ସେହି ସ୍ଥାନକୁ ପହଞ୍ଚି ଆସିଲେ: ଅତ୍ୟନ୍ତ ମନ୍ଦ, ଅପରିଷ୍କାର, ନିମ୍ନ-ମାନର, ଏପରିକି ଆଇନଗୁଡ଼ିକ ମଧ୍ୟ ତାଙ୍କ ସହିତ କୌଣସି ବିଷୟ କରିବାକୁ ଚାହିଁ ନ ଥିଲେ, ସେ ଏତେ ନିମ୍ନସ୍ତରର ଥିଲେ । ନରକର ଶୟତାନ ସୁଦ୍ଧା ଏପରି ଜଣେ ବ୍ୟକ୍ତିଙ୍କୁ, ପ୍ରାୟଃ ପ୍ରତ୍ୟାଖ୍ୟାନ କରି ଦେବ, ଯେପରି ଭାବରେ ସେ ସେହି କାହାଣୀକୁ ପରିବେଷଣ କରିଥିଲେ । ତାହାପରେ ସେ କହିଲେ, "ବିଶ୍ୱର ସମସ୍ତ ଧର୍ମର ଭଦ୍ରଲୋକଗଣ, କଅଣ ଆପଣମାନଙ୍କ ଧର୍ମରେ ଏପରି କିଛି ଅଛି କି ଯାହାକି ଏହି ଲେଡି ମ୍ୟାକେବୀଙ୍କ ହାତକୁ ସଫା କରି ଦେବ?"

83 ସମସ୍ତେ ନୀରବ ହୋଇ ବସି ରହିଲେ । ତାହାପରେ ସେ ନିଜ ହାତରେ କରତାଳି ଦେଇ, ଉପରକୁ ଡେଇଁ ପଡ଼ିଲେ । ସେ କହିଲେ, "ପରମେଶ୍ୱରଙ୍କର ମହିମା ହେଉ! ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ କେବଳ ତାର ହାତକୁ ଧୋଇ ସଫା କରିବ ନାହିଁ, ବରଂ ଏହା ତାର ହୃଦୟକୁ ସଫା କରି ଦେବ ଏବଂ ତାଙ୍କୁ ତାହାଙ୍କର କନ୍ୟା ମଧ୍ୟ କରି ଦେବ ।" ଆପଣଙ୍କୁ କହିବି:

> ଆଶ୍ଚର୍ଯ୍ୟଜନକ ଅନୁଗ୍ରହ! ଶବ୍ଦ କେତେ ମଧୁର,
> ଯାହା ମୋ ପରି ଏକ ନୀଚକୁ ରକ୍ଷା କଲା!
> ମୁଁ ଥରେ ହଜି ଯାଇଥିଲି, କିନ୍ତୁ ବର୍ତ୍ତମାନ ମୁଁ ଖୋଜା ଯାଇଅଛି,
> ମୁଁ ଅନ୍ଧ ଥିଲି, ମାତ୍ର ବର୍ତ୍ତମାନ ମୁଁ ଦେଖୁଅଛି ।
>
> ଏହା ଅନୁଗ୍ରହ ଅଟେ ଯାହାକି ମୋ ହୃଦୟକୁ ଭୟ କରିବାକୁ
> ଶିଖାଇଲା,
> ଏହା ଅନୁଗ୍ରହ ଥିଲା ଯାହା ମୋତେ ଭୟରୁ ମୁକ୍ତ କଲା;
> କେତେ ମୂଲ୍ୟବାନ ଯେ ସେହି ଅନୁଗ୍ରହ ଉଭା ହେଲା
> ମୁଁ ପ୍ରଥମେ ଯେତେବେଳେ ବିଶ୍ୱାସ କଲି!

84 ନିଶ୍ଚିତ ଭାବରେ । "ତେବେ ଏପରି ମହାପରିତ୍ରାଣ ଅବହେଳା କଲେ, ଆମ୍ଭେମାନେ କିପରି ରକ୍ଷା ପାଇବା?" ଯଦି ଆପଣ ଖାଇବାକୁ ଅବହେଳା କରନ୍ତି, ଆପଣ ମରି ଯିବେ । ଆପଣ ଏକ କୋଣରେ ମୋଡିବାକୁ ଅବହେଳା କରନ୍ତି, ଆପଣ ବାଡେଇ ଧକ୍କା ହୋଇଯିବେ । ଆପଣ ଗାଇକୁ କ୍ଷୀର ବାହାର କରିବାରେ ଅବହେଳା କରନ୍ତି, ସେ ଶୁଖିଯିବ । ଆପଣ ନିଜର ଦାନ୍ତକୁ ଅବହେଳା କରନ୍ତି, ଆପଣଙ୍କୁ ତାହା ସବୁ ଟାଣିବାକୁ ପଡିବ । ନିଶ୍ଚିତ ଭାବରେ । ଆପଣ ନିଜର ଅବହେଳା ପାଇଁ ମୂଲ୍ୟ ପରିଶୋଧ କରନ୍ତି ।

85 ଓଃ, ବ୍ରାନହାମ୍ ଟ୍ୟାବର୍ନେକଲ୍ ଏବଂ ଆପଣ ଆଗନ୍ତୁକମାନେ, ମୋତେ ବର୍ତ୍ତମାନ ଆପଣମାନଙ୍କୁ କିଛି କହିବାକୁ ଦିଅନ୍ତୁ । ଆପଣ ପରମେଶ୍ୱରଙ୍କ ମହିମା ବିଷୟରେ ସାକ୍ଷ୍ୟ ଦେବାକୁ ଅବହେଳା କରନ୍ତି, ଆପଣ ପରମେଶ୍ୱରଙ୍କୁ ପ୍ରଶଂସା ଓ ଗୌରବ ଦେବାରେ ଅବହେଳା କରନ୍ତି, ଆପଣ ନିଜକୁ ଏହି ଦିନଗୁଡିକ ମଧ୍ୟରୁ ଗୋଟିଏ ଦିନ ଶୀତଳ,

ଆନୁଷ୍ଠାନିକ, ଏବଂ ପଶଚାଦ୍‌ଗମନକାରୀ ଭାବରେ ପାଇବେ । ଆପଣ ପରମେଶ୍ୱରଙ୍କର ପ୍ରଶଂସା କରନ୍ତୁ । "ତେବେ ଏପରି ମହାପରିତ୍ରାଣ ଅବହେଳା କଲେ, ଆମ୍ଭେମାନେ କିପରି ରକ୍ଷା ପାଇବା?"

86 ବିଳମ୍ବ ହେଉଅଛି । ମୁଁ ବର୍ତ୍ତମାନ ହିଁ ଭାଇ ଥୋମ୍‌ଙ୍କୁ ଦେଖିବାକୁ ପାଇଲି, ଯିଏକି ସେଠାକୁ ଫେରି ଆସିଲେ । ଆମେମାନେ ସମାପ୍ତ କରିବା, ଏବଂ ପ୍ରଭୁ ଇଚ୍ଛା କଲେ ଆଜି ରାତିରେ ଜାରି ରଖିବା ।

ଆସନ୍ତୁ ଅଳ୍ପ କିଛି କ୍ଷଣ ପ୍ରାର୍ଥନା କରିବା ।

87 ଆମର ସ୍ୱର୍ଗସ୍ଥ ପିତା, ତୁମକୁ ହିଁ ଆଶୀର୍ବାଦ, ଏବଂ ପ୍ରଶଂସା, ଓ ସମ୍ମାନ, ଏବଂ ଗୌରବ, ଏବଂ ଜ୍ଞାନ, ଏବଂ ଶକ୍ତି, ଏବଂ ସାମର୍ଥ୍ୟ, ସଦାକାଳ ପାଇଁ ହେଉ । ଓଃ, ସିଂହାସନ ଉପରେ ବସିଥିବା ସେହି ମେଷଶାବକଙ୍କୁ, ଆଧିପତ୍ୟ ଏବଂ ରାଜ୍ୟ ଏବଂ ସବୁକିଛି ତାହାଙ୍କ ହସ୍ତରେ ଦିଆ ଯାଇଥିଲା । ଯେତେବେଳେ ସେ ଆମମାନଙ୍କର ଧାର୍ମିକତା ପାଇଁ, ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଥିଲେ, ସେ ଜଗତ ପ୍ରତି ଚିତ୍କାର କରିଥିଲେ, "ସ୍ୱର୍ଗ ଓ ପୃଥିବୀର ସମସ୍ତ ଶକ୍ତି ମୋ ହସ୍ତରେ ପ୍ରଦାନ କରାଯାଇଅଛି । ଅତଏବ, ସମଗ୍ର ଜଗତକୁ ଯାଅ, ଏବଂ ସୁସମାଚାର ପ୍ରଚାର କର ।"

ହେ ପ୍ରିୟ ମୃତପ୍ରାୟଃ ମେଷଶାବକ, ତୁମର ମୂଲ୍ୟବାନ ରକ୍ତ
କଦାପି ନିଜର ଶକ୍ତିକୁ ହରାଇବ ନାହିଁ,
ଯେପର୍ଯ୍ୟନ୍ତକି ପରମେଶ୍ୱରଙ୍କ ମୂଲ୍ୟ ଦିଆ ଯାଇଥିବା କ୍ରୀତ ମଣ୍ଡଳୀ
ଉଦ୍ଧାର ନ କରାଯାଏ, ଯେପରିକି ଆଉ ପାପ କରେ ନାହିଁ ।

88 ସେବକ ଭାବରେ, ଆମକୁ ଏହା ଦେଖିବା ପାଇଁ ସାହାଯ୍ୟ କର, ଯାହାକି ଆମେମାନେ ଅତ୍ୟଧିକ ଭାବରେ ଆବଶ୍ୟକ କରୁ; ଯେ ଆମର କିପରି ଏକ ମଣ୍ଡଳୀ ରହିବା ଆବଶ୍ୟକ, ଆମର *ଏହା* ରହିବା ଆବଶ୍ୟକ, ଆମର ସବୁକିଛି ରହିବା ଆବଶ୍ୟକ ।

89 ଆମର ସ୍ତ୍ରୀଲୋକମାନେ, ମଣ୍ଡଳୀକୁ ଯିବା ପୂର୍ବରୁ, ଯଦ୍ୟପି ନିଜକୁ ଖ୍ରୀଷ୍ଟିଆନ ବୋଲି ଡାକିଥାଆନ୍ତି, ଏକ ନିର୍ଦ୍ଦିଷ୍ଟ ପ୍ରକାରର ପୋଷାକ ପିନ୍ଧିବାକୁ ରହିଥାଏ, କିମ୍ବା ଏତେ ସୁନ୍ଦର ଭାବରେ ପୋଷାକ ପିନ୍ଧିବାକୁ ରହିଥାଏ ।

ଏବଂ ପ୍ରଚାରକମାନେ ଆସିବା ପୂର୍ବରୁ ତାଙ୍କ ପାଖରେ ଏତେ ଟଙ୍କା ରହିବାକୁ ଥାଏ, ଏବଂ ସବୁକିଛି ବିଷୟ *ଅମୁକ-ଓ-ଅମୁକ* ଭାବରେ ରହିବାକୁ ଥାଏ ।

90 ହେ ଖ୍ରୀଷ୍ଟ, ଯେତେବେଳେ ମୁଁ ବର୍ତ୍ତମାନ, ଏଠାରେ ପାଠ କରୁଥିଲି, ଯେ କିପରି "ସେମାନେ ମେଷ ଓ ଛାଗ ଚର୍ମରେ, ଭ୍ରମଣ କରିଥିଲେ, ପୃଥିବୀର ଗୁମ୍ଫାରେ, ଏବଂ ଗହ୍ୱରରେ ବାସ କରିଥିଲେ, ସେମାନେ ଅତି କଡା ନିର୍ଯାତନା ତଳେ, ଭ୍ରମଣ କରିଥିଲେ, ଏବଂ ତଥାପି, ବିଶ୍ୱାସପ୍ରାପ୍ତ ହୋଇଥିଲେ," ଦୂତମାନଙ୍କ ସେବାକାର୍ଯ୍ୟ ଅଧୀନରେ, ତାହାହେଲେ ଆମେମାନେ କିପରି ରକ୍ଷା ପାଇବା, ଯେତେବେଳେ ପ୍ରଭୁ ଯୀଶୁ ଆମକୁ ଉତ୍ତମ ଘର, ଏବଂ

ଗାଡି, ଓ ବସ୍ତ୍ର, ଏବଂ ଭୋଜନ ଦେଇଅଛନ୍ତି, ଏବଂ ଆମେମାନେ ଅଭିଯୋଗ କରିଥାଉ, ଆମେମାନେ ଚାରିଆଡ଼େ ବସି ରହିଥାଉ, ଆମେମାନେ ଅଳସୁଆ ହୋଇ ରହିଥାଉ, ଆମେମାନେ କେବେବି ବାହାରକୁ ଯାଇ ଏହା ବିଷୟରେ କିଛି କରିବାକୁ ଚେଷ୍ଟା କରି ନ ଥାଉ, ହେ ପରମେଶ୍ୱର, ଆମେମାନେ କିପରି ରକ୍ଷା ପାଇବା?

91 ଓଃ, ମୁଁ ପ୍ରାର୍ଥନା କରୁଅଛି ଯେ ହେ ପ୍ରଭୁ, ଆଜି ସକାଳେ, ତୁମେ ପ୍ରତ୍ୟେକ ହୃଦୟରେ ସେହି ପୁରୁଣା-କାଳିଆ ବିଶ୍ୱାସକୁ ଦଗ୍ଧ କରିବ, ଯେପରିକି ଲୋକମାନେ ଏହା ପ୍ରତି ଉଠାନ୍ତି ଓ ଏହାକୁ ପ୍ରାପ୍ତ କରିପାରନ୍ତି । ଆସନ୍ତୁ ଦୀପ୍ତି ଥାଉ ଥାଉ ଆମେମାନେ କାର୍ଯ୍ୟ କରିବା, କାରଣ ସୂର୍ଯ୍ୟ ଅତି ଶୀଘ୍ର ବୁଡ଼ି ଯାଉଅଛି । ଏବଂ ସଭ୍ୟତା ଗତି କରୁଅଛି, ଏବଂ ସମୟ ଆଉ ଅଧିକ ରହିବ ନାହିଁ । ଏହା ଅନନ୍ତକାଳରେ ସମାୟୋଜିତ ହୋଇଯିବ ।

92 ହେ ପରମେଶ୍ୱର, ଆଜି ଏହା ପ୍ରଦାନ କର ଯେ ଆମେ ନୂତନ ଦର୍ଶନ ସହିତ, ଜ୍ଞାନ ସହିତ, ବୁଝାମଣା ସହିତ ଯାଉ, ଯେପରିକି ଏହା ଜାଣୁ ଯେ କିପରି ପାପୀମାନଙ୍କ ନିକଟକୁ ଯିବାକୁ ଅଛି ଏବଂ ସେମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବାକୁ ଅଛି । ହେ ସଦାପ୍ରଭୁ, ତୁମ୍ଭ ଦାସର ପ୍ରାର୍ଥନା ଶୁଣ ।

93 ମୁଁ ପଚାରେ, ଯଦି ଏଠାରେ ଏପରି କେହି ଅଛନ୍ତି କି, ଯିଏକି ଖ୍ରୀଷ୍ଟଙ୍କୁ ସେମାନଙ୍କର ତ୍ରାଣକର୍ତ୍ତା ଭାବରେ ଜାଣନ୍ତି ନାହିଁ, କଅଣ ଆପଣ ନିଜର ହାତକୁ ଉଠାଇ ଏହା କହିବେ କି, "ମୋତେ ସ୍ମରଣ କରିବେ, ଭାଇ ବ୍ରାନହାମ୍"? କଅଣ ଆପଣ କେବଳ ନିଜର ହାତକୁ ଉଠାଇ ଏହା କହିବେ କି, "ମୋତେ ସ୍ମରଣ କରିବେ । ମୁଁ ଜଣେ ଖ୍ରୀଷ୍ଟିଆନ ହେବାକୁ ଚାହେଁ । ମୁଁ ଏହାକୁ ଆଉ ଅଧିକ ଅବହେଳା କରିବାକୁ ଚାହେଁ ନାହିଁ ।"? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ସେଠାରେ ପଛରେ, ମହାଶୟ । ଅନ୍ୟ କେହି ଅଛନ୍ତି କି? କୁହନ୍ତୁ, "ଭାଇ ବ୍ରାନହାମ୍, ମୁଁ ମୋର ହାତ ଉଠାଇବାକୁ ଚାହେଁ । ଏବଂ ମୁଁ ଖ୍ରୀଷ୍ଟଙ୍କୁ ମୋର ତ୍ରାଣକର୍ତ୍ତା ଭାବରେ, ଗ୍ରହଣ କରିବାକୁ ଚାହେଁ, ମୁଁ ସବୁବେଳେ, ଅବହେଳା କରି ଆସିଛି । ଓଃ, ମୁଁ ନିଶ୍ଚିତରେ, ମଣ୍ଡଳୀକୁ ଯାଇଥାଏ, ମୁଁ ମଣ୍ଡଳୀ ସହିତରେ ସମ୍ପୃକ୍ତ ଅଟେ ।"

57-0425M ଏବ୍ରୀ, ଅଧ୍ୟାୟ ଦୁଇ #1
ବ୍ରାନ୍‌ହାମ୍ ଟାବର୍ନେକଲ
ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:



VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org